୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.122 Bhubaneswar Tuesday June 18 2024 | ୨୬ତମ ବର୍ଷ ସଂଖ୍ୟା–୧୨୨ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୧୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଆଇପିଏସ୍ ଶ୍ୱଶୁରଙ୍କ କମାଲ୍: ଆଖିବୁଜା ସମ୍ପତ୍ତି ଆହରଣ କରିଛନ୍ତି ବିଜେଡି ନେତା, କରୋନା କାଳରେ ସର୍ବାଧିକ ବଢ଼ିଛି

ଭୁବନେଶ୍ୱର,୧୭।୬(ପି.ଏନ): ବିଜେଡିର ୨୪ବର୍ଷର ଶାସନର ପତନ ପରେ ଏବେ ତୃତୀୟ ମହଲାର ପ୍ରଭାବଶାଳୀ ବାବୁମାନଙ୍କ କାରନାମା ପଦାକୁ ଆସିବାରେ ଲାଗିଛି । ନବୀନ ପଟ୍ଟନାୟକ ସରକାରର ପଂଚମ ତଥା ଶେଷ ପାଳି ସରକାରରେ ସବୁଠୁ ପାୱାରଫୁଲ୍ ଆଇପିଏସ୍ ଅଫିସର ଡିଏସ୍ କୁଟ୍‌ଟେଙ୍କ ଛତ୍ରଛାୟାରେ ବିଜେଡି ନେତା ମାନସ ରଞ୍ଜନ ମଙ୍ଗରାଜ ଓ ତାଙ୍କ ପତ୍ନୀଙ୍କ ସମ୍ପତ୍ତି ପରିମାଣ କିଭଳି ଆକାଶଛୁଆଁ ବ?ିଛି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।ବିଜେଡି ସୂତ୍ର ଅନୁସାରେ, ସାମ୍ବାଦିକରୁ ରାଜନୀତିରେ ଏଂଟ୍ରି ମାରିଥିବା ମାନସ ରଞ୍ଜନ ମଙ୍ଗରାଜ ୨୦୧୮ ଏପ୍ରିଲରେ ବିଜେଡିରେ ସାମିଲ ହେବା ପରଠୁ ତାଙ୍କର ସମ୍ପତ୍ତିରେ ଆକାଶଛୁଆଁ ବୃଦ୍ଧି ପାଇଛି । ଆଇପିଏସ୍ ଡିଏସ



କୁଟ୍‌ଟେଙ୍କ(ଖଣ୍ଡଗିରି ଜଗନ୍ନାଥ ମନ୍ଦିରରେ ମାନସଙ୍କ ବିବାହରେ କନ୍ୟାଦାନ କରିଥିଲେ) ସହଯୋଗ ଓ ଆଶୀର୍ବାଦରେ ମାନସ କେବଳ ଆଖିବୁଜା ସମ୍ପତ୍ତି ଆହରଣ କରିନାହାନ୍ତି ବରଂ ରାତାରାତି ବିଜେଡିର କ୍ଷମତାକେନ୍ଦ୍ର ଓ ଷ୍ଟ୍ରାଟେଜିମେକର ବି ପାଲଟି ଯାଇଥିଲେ ବୋଲି ଚର୍ଚ୍ଚା ହେଉଛି । ଆଇପିଏସ୍ ଶ୍ରୀ କୁଟ୍‌ଟେ ଛତ୍ରଛାୟାରେ ମାନସ ବିଜେଡିରେ ନାକେବଳ ପତିଆରା ବ?ାଇଥିଲେ ବରଂ ବହୁ ଯୋଗ୍ୟ ନେତାଙ୍କୁ ପଛରେ ପକାଇ ରାଜ୍ୟସଭାକୁ ସାଂସଦ ଭାବେ ଯିବାରେ ସଫଳ ହୋଇଥିଲେ । ଜଣେ ଯୋଗ୍ୟ ଶଶୁର ଭାବେ ଜ୍ୱାଇଁ ମାନସଙ୍କ ପତିଆରା ଉଭୟ ସରକାର ଓ ବିଜେଡିରେ କିଭଳି ପ୍ରତିଦିନ ବଢ଼ିବ ତାହା ଖୋଦ୍ କୁଟ୍‌ଟେ ସୁନିଶ୍ଚିତ କରୁଥିଲେ ବୋଲି ବିଜେଡି ମହଲରେ ଚର୍ଚ୍ଚା ହେଉଛି ।

## ଭର୍ତ୍ତୃହରି କିମ୍ବା ପୁରନ୍ଦେଶ୍ୱରୀ ହୋଇ ପାରନ୍ତି ଲୋକସଭା ବାଚସ୍ପତି



ଭୁବନେଶ୍ବର,୧୭।୬(ପିଏନ):ଲୋକସଭାରେ ବାଚସ୍ପତି କିଏ ହେବେ, ତା'ଙ୍କୁ ନେଇ ସସପେନ୍ସ ଜାରି ରହିଛି । ଜୁନ ୨୪ରେ ସଂସଦର ଅଧିବେଶ ଆରମ୍ଭ ହେଉଥିବା ବେଳେ ୨୬ରେ ବାଚସ୍ପତି ନିର୍ବାଚନ ହେବ ।ବିଜେପିର ସହଯୋଗୀ ଟିଡିପି ବାଚସ୍ପତି ପଦ ଉପରେ ଆଖି ପକାଇଛି । ହେଲେ ବିଜେପି ଏହି ଗୁରୁତ୍ୱପୂର୍ଣ୍ଣ ପଦ ଛାଡିବା ମୁଡରେ ନାହିଁ । ଏସବୁ ଭିତରେ ବିଜେପି ୨୬ ତାରିଖରେ ହିଁ ବାଚସ୍ପତି ପ୍ରାର୍ଥୀ କିଏ ହେବେ, ସେକଥା ଘୋଷଣା କରିବ ।

## ସାଧାରଣ ଲୋକ, ସଂଗଠନ ଠାରୁ ଆରମ୍ଭ କରି ଅଧିକାରୀଙ୍କ ପର୍ଯ୍ୟନ୍ତ, ୫ ଦିନରେ ୧ ଲକ୍ଷ ଲୋକଙ୍କୁ ଭେଟିଲେଣି ନୂଆ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୬(ପି.ଏନ): ଗତ ୫ ଦିନ ମଧ୍ୟରେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୧ ଲକ୍ଷ ଲୋକ ଭେଟିଛନ୍ତି । ଏଥିମଧ୍ୟରେ ରାଜ୍ୟର ବିଭିନ୍ନ କୋଣରୁ ଶିଶୁ, ବୃଦ୍ଧ, ମହିଳା ଏବଂ ଭିନ୍ନକ୍ଷମ ଅନ୍ତର୍ଭୁକ୍ତ । ମୋହନ ଚରଣ ମାଝୀ ୧୨ ଜୁନ୍ ରେ ଓଡିଶାର ନୂତନ ସିଏମ୍ ଭାବରେ ଶପଥ ଗ୍ରହଣ କରିଛନ୍ତି ।ଘଟଣାସ୍ଥଳକୁ ନିଜେ ଯାଇ ସମୀକ୍ଷା କରୁଛନ୍ତି ନୂଆ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମଣ୍ଡଳର ସଦସ୍ୟ । ଶାସନଭାର କାନ୍ଧକୁ ନେଉ ନେଉ ଗ୍ରାଉଣ୍ଡ ଜିରୋରେ ଏବେ ପୂରା ଆକ୍ଟିଭ ମୁଖ୍ୟମନ୍ତ୍ରୀ । ଏହାସହିତ ବିଭିନ୍ନ ଅଫିସରଙ୍କୁ ଭେଟି ରାଜ୍ୟର ଶାସନ ବ୍ୟବସ୍ଥା ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହିତ ନିଜ ଅସ୍ଥାୟୀ କାର୍ଯ୍ୟାଳୟ ରାଜ୍ୟ ଅତିଥି ଭବନରେ ପ୍ରତିଦିନ ଗରିବ ଅସହାୟ ବ୍ୟକ୍ତିଙ୍କୁ ଭେଟି ସେମାନଙ୍କ ଦୁଃଖ ଶୁଣିବା ସହିତ ଆଶ୍ୱାସନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଗରିବଙ୍କର ସରକାର ସାଜିଛନ୍ତି ।ସେହି କ୍ରମରେ ରବିବାର ଅପରାହ୍ନରେ କିଛି ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ । ସେମାନଙ୍କ ଭିତରେ ଜଣେ ଭିନ୍ନକ୍ଷମ ଶିକ୍ଷକ ରହିଥିଲେ ଯାହାଙ୍କର ନାମ ଥିଲା ଅର୍ଜୁନ ନାୟକ । ଅର୍ଜୁନଙ୍କର ଗୋଟିଏ ଗୋଡ ନ ଥିଲା । ଦୁର୍ଘଟଣାରେ ସେ ଗୋଟିଏ ଗୋଡ ହରାଇ ଥିଲେ । ତାଙ୍କୁ ଦେଖି ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବ ସହିତ ତାଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ତାଙ୍କୁ ନିଜ ହାତରେ ପାଣି ପିଆଇଦେଇ ଅଧର୍ଯ୍ୟ ନ ହେବା ପାଇଁ ସାନ୍ତ୍ୱନା ଦେଇଛନ୍ତି ।

## ଧର୍ମଶାଳାରେ ଆର୍ଟ ଅଫ୍ ଗିଭିଂ ଦିବସ

ଧର୍ମଶାଳା,୧୭/୬(ପିଏନ୍): ଜାରକାସ୍ଥିତ ଧର୍ମଶାଳା ପ୍ରେସ୍ କ୍ଲବ୍ କାର୍ଯ୍ୟାଳୟରେ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି । ଯାଜପୁର ଜିଲ୍ଲା କଳିଙ୍ଗ ଟିଭି ପ୍ରତିନିଧି ଅବିନେଶ୍ୱର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ତଥା ରସୁଲପୁର ବ୍ଲକର ପ୍ରାକ୍ତନ ଅଧକ୍ଷ ଡ. ରୁଦ୍ର ନାରାୟଣ ପୃଷ୍ଟି ଯୋଗଦେଇ ପ୍ରଫେସର ଡ. ଅଚ୍ୟୁତ ସାମ'ଙ୍କ ଏହି ମହତ ପରିକଳ୍ପନାକୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରେସ୍ କ୍ଲବ୍ ସଭାପତି ରମାକା' ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ କାହ୍ନୁ ଚରଣ ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶା' କୁମାର ସାହୁ, ରାଧାଶ୍ୟାମ ସାହୁ, ଜାରକା ରୋଟାରୀ କ୍ଲବ୍ ସଭାପତି ବିପିନ କିଶୋର ଷଡ଼ଙ୍ଗୀ ଓ ପ୍ରେସ୍ କ୍ଲବ୍ କାର୍ଯ୍ୟକରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କଳିଙ୍ଗ ଟିଭି ପ୍ରତିନିଧି ଶ୍ରୀ ଶତପଥୀ ଏହି ଦିବସର ବାର୍ତ୍ତା ପାଠ କରିଥିବା ବେଳେ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରେସ କ୍ଲବର କୋଷାଧକ୍ଷ ଅଖିଳ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ମାନସ ରନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍‌ର ସମସ୍ତ ସଦସ୍ୟ, ବହୁ ସାହିତ୍ୟିକ, ସାମ୍ବାଦିକ, ଜାରକା ରୋଟାରୀ କ୍ଲବର କର୍ମକର୍ତ୍ତା ଓ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ରାଏବରେଲୀ ରଖିବେ ରାହୁଲ ଗାନ୍ଧି, ୱାୟନାଡରେ ଡେବ୍ୟୁ କରିବେ ପ୍ରିୟଙ୍କା

ଭୁବନେଶ୍ୱର,୧୭।୬(ପି.ଏନ): କଂଗ୍ରେସ ନେତା ରାହୁଲ ଗାନ୍ଧି ଶେଷରେ ଉତ୍ତରପ୍ରଦେଶର ରାଏବରେଲୀ ଆସନ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ସେ ରାଏବରେଲୀକୁ ରଖି କେରଳର ୱାୟନାଡ ଆସନ ଛାଡିବେ ।୨୦୧୯ରେ ରାହୁଲ ୱାୟନାଡରୁ ପ୍ରଥମଥର ନିର୍ବାଚନ ଲ?ିବା ସହ ବିଜୟ ହୋଇଥିଲେ । ୨୦୨୪ରେ ସେ ୱାୟନାଡ ସହ ରାଏବରେଲୀ ଆସନରେ ନିର୍ବାଚନ ଲ? ବିଜୟ ହୋଇଥିଲେ । ଦୁଇଟି ଆସନରୁ ବିଜୟ ହୋଇଥିବାରୁ ତାଙ୍କୁ ଗୋଟିଏ ଆସନ ଛାଡିବା ଅପରିହାର୍ଯ୍ୟ ରହିଥିଲା । ତେଣୁ ସେ ସେ ୱାୟନାଡ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ।



## ବଣାଇ ଘାଟିରେ ଯାତ୍ରୀବାହୀ ବସ୍ ଦୁର୍ଘଟଣା: ୧୫ ଯାତ୍ରୀ ଆହତ, ୫ ଗୁରୁତର

ରାଉରକେଲା,୧୭।୬(ପି.ଏନ): ଘାଟି ମାନଙ୍କରେ ଗାଡି ଦୁର୍ଘଟଣା ମାମଲା ଖୁବ ବଢିବାରେ ଲାଗିଛି । ଆଜି ବଣାଇ ଘାଟିରେ ଏକ ବସ୍ ଦୁର୍ଘଟଣାର ଶିକାର ହୋଇଛି । ଏହି ଦୁର୍ଘଟଣାରେ ୧୫ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି । ସୂଚନା ଅନୁସାରେ, ପଙ୍କଡିହିରୁ ୩୦ ଜଣ ଯାତ୍ରୀଙ୍କୁ ଧରି ବଣାଇ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛି ଯାତ୍ରୀବାହୀ ବସ୍ । ଗୁରୁଣ୍ଡିଆ ଥାନା ତାମଡା ନିକଟରେ ଏହି ଦୁର୍ଘଟଣା ଘଟିଯାଇଛି । ଏହି ଦୁର୍ଘଟଣାରେ ୧୫ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ହୋଇଛନ୍ତି । ତେବେ ସମସ୍ତଙ୍କ ଉଦ୍ଧାର କରାଯାଇ ସ୍ଥାନୀୟ ମେଡିକାଲକୁ ପଠାଯାଇଥିଲା । କିନ୍ତୁ ସେଠାରୁ ବର୍ତ୍ତମାନ ସମସ୍ତ ଆହତଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି ।

## ମାଟି ଅତଡା ଧସି ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା: ଦୁଇ ଗିରଫ

କୋରାପୁଟ,୧୭।୬(ପି.ଏନ): ତିନିଦିନରେ ମାଟି ଅତଡା ଧସି ୩ ଶ୍ରମିକଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ କରିଛି କୋରାପୁଟ ଟାଉନ ପୁଲିସ । ଗତକାଲି ବିଳମ୍ବିତ ରାତିରେ ସଲମନଗୁଡାରୁ ଶଶି ପ୍ରଧାନ(୫୮) ଓ ଦାମନଯୋଡି ଅଞ୍ଚଳରୁ ହିରଣ ନାଗ(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ଏହାସହ ସପ୍ତାହକ ମଧ୍ୟରେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାକୁ ରହିଥିବାବେଳେ ୧୨୦ ଦିନରେ ଚାର୍ଜସିଟ ଦାଖଲ କରିବାକୁ ମନସ୍ଥ କରିଛି କୋରାପୁଟ ପୁଲିସ ।ମଙ୍ଗଳ ରଜ ଦିନ ୧୧ଟା ବେଳେ କୋରାପୁଟ ବ୍ଲକ ଉପରକୋଲାବ ନିକଟ ଲାଉରିଗୁଡା ନିକଟ ମରୁମ ଖାଦାନରୁ ମାଟି ଅତଡା ଧସିବାରୁ ବଡ କେରଙ୍ଗା ପଞ୍ଚାୟତ ଅନ୍ତର୍ଗତ ସଲମନଗୁଡା ଗ୍ରାମର ସନମତି ଜାନି, ଚମ୍ପା ବଡନାୟକ ଓ ପୂର୍ଣ୍ଣି ବଡନାୟକଙ୍କର ଅକାଳ ବିୟୋଗ ଘଟିଥିଲା । ପୁଲିସ ଏକ ମାମଲା ରୁଜୁ କରିଥିଲା । ପ୍ରାଥମିକ ତଦନ୍ତରୁ ଏହିମାନେ ହିଁ ଏହି ତିନି ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ନେଇ ଜାଣିବାକୁ ପାଇଥିଲା । ଘଟଣାସ୍ଥଳରୁ ଏହିମାନେ ଚମ୍ପଟ ମାରିଥିବାବେଳେ ପୁଲିସ ଏମାନଙ୍କୁ ଧରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲା । ମୋବାଇଲ ନମ୍ବର ଯାଞ୍ଚ କରିବା ପରେଗତକାଲି ରାତିରେ ଶଶି ସଲମନଗୁଡାରେ ରହିଥିବା ଜାଣିବାକୁ ପାଇଥିବାବେଳେ ହିରଣ ଡ୍ୟାମ ସାଇଡ ଅଞ୍ଚଳରୁ ଦାମନଯୋଡି ଆଡେ ପଳାଇଥିବା ଜଣିବାକୁ ପାଇଥିଲା । ପରେ ସେମାନଙ୍କୁ ଏକ ଟିମ ଗଠନ କରି ଧରିଥିବା କହିଛନ୍ତି ଟାଉନ ଆଇଆଇସି ପ୍ରମୋଦ କୁମାର ନାୟକ ।

## ଡିଏସ୍ କୁଟ୍‌ଟେ ଓ ଆଶୀଷ ସିଂଙ୍କୁ କିଏ ଦେଉଛି ସୁରକ୍ଷା: ୧୫ଦିନ ପରେ ବି ହେଲାନି ଚାର୍ଜସିଟ୍ କି ଆକ୍ସନ୍

ଭୁବନେଶ୍ୱର,୧୭।୬(ପି.ଏନ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅପାରଗତାରୁ ତୃତୀୟ ମହଲାରେ ବସି 'ସୁପର ସିଏମ୍?' ଭାବେ ହାକିମାତି କରୁଥିବା ଆଇପିଏସ୍ ଡିଏସ୍ କୁଟ୍‌ଟେ ଏବେ କେଉଁଠି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ମଧ୍ୟ କାହିଁକି ତାଙ୍କୁ ଏପର୍ଯ୍ୟନ୍ତ ଚାର୍ଜସିଟ୍ ଧରାଇ ପାରିଲେନି ପୁଲିସ ଡିଜି? ବିଜେଡିର ସର୍ବ?ସର୍ବା ଭିକେ ପାଣ୍ଡିଆନ ଓ କୁଟ୍‌ଟେଙ୍କ ଭଡାଟିଆ ଗୁଣ୍ଡା ସାଜି ରାଜନୀତିକ ବ୍ୟକ୍ତିଙ୍କୁ ହଇରାଣହରକତ ଓ ଧମକଚମକ ଦେଇଥିବା ଆଇପିଏସ୍ ଆଶୀଷ ସିଂଙ୍କ ବିରୁଦ୍ଧରେ କାହିଁକି ହୋଇନି କାର୍ଯ୍ୟାନୁଷ୍ଠାନ କ୍ଷମତାର ଲୋଭରେ ଅନ୍ଧ ହୋଇ ଧରାକୁ ସରା ମଣିଥିବା ଏହି ଦୁଇ ବରିଷ୍ଠ ଅଣଓଡିଆ ଆଇପିଏସ୍ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କାହିଁକି ଓ କିଏ ସେମାନଙ୍କୁ ସୁରକ୍ଷା ଦେଉଛି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସକ୍ରିୟ ରାଜନୀତିକ ଗତିବିଧିରେ ଲିପ୍ତ ଥିବା ଅଭିଯୋଗରେ ନିର୍ବାଚନ



କମିଶନଙ୍କ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ୧୯୯୭ ବ୍ୟାଚ୍ ଆଇପିଏସ୍ ଡିଏସ୍ କୁଟ୍‌ଟେଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ ଓଡିଶା ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇନାହାନ୍ତି । ନବୀନ ପଟ୍ଟନାୟକଙ୍କ ପ୍ରଶାସନିକ ଅପାରଗତା ଓ ବିଜେଡିର ସର୍ବ?ସର୍ବା ଭିକେ ପାଣ୍ଡିଆନଙ୍କ ସହ ଅସାଧୁ ମେଂଟର ଫାଇଦା ଉଠାଇ ନିଜର କ୍ଷମତାର ଦୁରୂପଯୋଗ କରି ଉଭୟ ପ୍ରଶାସନିକ ଓ ରାଜନୀତିକ ନିଷ୍ପତ୍ତି ନେଉଥିବା ଶ୍ରୀ କୁଟ୍‌ଟେଙ୍କୁ ଚାର୍ଜସିଟ୍ ଜାରି କରିବାରେ ପୁଲିସ ଡିଜି ସାହାସ ଜୁଟାଇ ପାରିନଥିବା ଜଣାପଡିଛି । ଶ୍ରୀ କୁଟ୍‌ଟେଙ୍କ ବିଜେଡି ସହ ରାଜନୀତିକ ସମ୍ପୃକ୍ତିର ପ୍ରମାଣ ମିଳିବା ମେ' ୨୮ତାରିଖରେ ଭାରତର ନିର୍ବାଚନ କମିଶନତାଙ୍କୁ ଚାକିରିରୁ ନିଲମ୍ବନ କରିବା ସହ ନୂଆଦିଲ୍ଲୀ ଡକାଇ ନେଇଥିଲେ । ଏହାସହିତ ଶ୍ରୀ କୁଟ୍‌ଟେଙ୍କ ବିରୁଦ୍ଧରେ ଡ୍ରାଫ୍ଟ ଚାର୍ଜସିଟ୍ ପ୍ରସ୍ତୁତ କରି ଓଡିଶାର ମୁଖ୍ୟ ସଚିବଙ୍କୁ ଦେବା ପାଇଁ ମଧ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏପରିକି ମେ' ୩୦ତାରିଖ ଅପରାହ୍ନ ୫ଟା ପୂର୍ବରୁ ଶ୍ରୀ କୁଟ୍‌ଟେଙ୍କୁ ଚାକିରି ସେବା ସର୍ତ୍ତାବଳୀ ଅନୁସାରେ ଉପଯୁକ୍ତ କର୍ତ୍ତୃପକ୍ଷ(ପୁଲିସ ଡିଜି)ଙ୍କ ମାଧ୍ୟମରେ ନିଶ୍ଚିତ ଚାର୍ଜ ସିଟ୍ ଜାରି କରିବାକୁ ମୁଖ୍ୟ ସଚିବଙ୍କୁ କୁହାଯାଇଥିଲା ।

## ଗଞ୍ଜାମ, ଭଦ୍ରକ ଓ ବରଗଡ ଜିଲ୍ଲାରେ ଆଗାମୀ ତିନି ଦିନ ଯାଏଁ ସ୍କୁଲ ଛୁଟି

ଭୁବନେଶ୍ୱର,୧୭।୬(ପି.ଏନ):ଖରା ଓ ଗୁଳୁଗୁଳିକୁ ଦେଖି ଜିଲ୍ଲାପାଳମାନେ ନେବେ ସ୍କୁଲ ଖୋଲିବା ନିଷ୍ପତ୍ତି । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଯେଉଁଠି ପାଗ ଅନୁକୂଳ ଥିବ, ସେଠାରେ ସକାଳ ସାଢେ ୬ରୁ ସାଢ଼େ ୧୦ ଯାଏଁ ସ୍କୁଲ ଖୋଲିବ । ଆସନ୍ତା ୨୦ ତାରିଖ ଯାଏ ଏହି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗଞ୍ଜାମ, ଭଦ୍ରକ ଓ ବରଗଡରେ ଆସନ୍ତା ତିନି ଦିନ ସ୍କୁଲ ଛୁଟି ଘୋଷଣା ହୋଇଛି । ୨୦ ତାରିଖ ଯାଏଁ ଜିଲ୍ଲାର ସମସ୍ତ ସ୍କୁଲ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ଜିଲ୍ଲାପାଳ ।



## ଶ୍ରୀମନ୍ଦିରରେ ଭିଡ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି, ୩୦ ପ୍ଲାଟୁନ୍ ପୁଲିସ ମୁତୟନ ଅଛନ୍ତି: ଡିଜିପି

ଭୁବନେଶ୍ୱର,୧୭।୬(ପି.ଏନ): ଗତ ୧୩ ତାରିଖରେ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିଦିଆଯିବା ପରେ ସିଂହଦ୍ୱାର ସାମ୍ନାରେ ଆଉ ପୂର୍ବଭଳି ଭିଡ ରହୁନାହିଁ ଏକଥା ସତ । କିନ୍ତୁ ଶ୍ରୀମନ୍ଦିର ପରିସର ଭିତରେ ପ୍ରବଳ ଭିଡ ଲାଗି ରହୁଛି । ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବାକୁ ନେଇ ପୁଲିସ ଡ଼ିଜି ଅରୁଣ କୁମାର ଷଡ଼ଙ୍ଗୀ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଉଭୟ ମନ୍ଦିର ଭିତର ଏବଂ ବାହାରେ ପୁଲିସ ବ୍ୟବସ୍ଥା କରାଯାଇଛି । ଚାରିଦିନ ଛୁଟି ପଡିଯିବାରୁ ଏହି ଭିଡ଼ ଦେଖିବାକୁ ମିଳିଥିଲା । ଚାରିଦ୍ୱାର ଖୋଲିବା ପରର ଭିଡ଼କୁ ଆଖି ଆଗରେ ରଖି ପ୍ରବେଶ ଓ ପ୍ରସ୍ଥାନ ପାଇଁ ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିରରେ ସୁରକ୍ଷା ପାଇଁ ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତ୍ୟୟନ କରାଯଇଛି । ଏଡିଜିଲ ଆଣ୍ଡ ଅର୍ଡର ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ସେଣ୍ଟ୍ରାଲ ଆଇଜି ପୁରା ଘଟଣାର ତର୍ଜମା କରିଛନ୍ତି । ଜଗନ୍ନାଥଙ୍କ ଦର୍ଶନକୁ ନେଇ ପୁରୀ ଯାଉଥିବା ଲୋକମାନେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ଆଇନ୍? ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଚଳିତ ବର୍ଷର ରଥଯାତ୍ରା ବିରଳ । ୨୪ ବର୍ଷ ପରେ ଏଭଳି ରଥଯାତ୍ରା ପଡିବ । ଚାରିଦ୍ୱାର ଖୋଲିବା ପ୍ରସଙ୍ଗରେ ଆଜି ସନ୍ଧ୍ୟାରେ ପରିଚାଳନା ସମିତି ସହ ଆଲୋଚନା ହେବ । ଭଗବାନ ଚାହୁଁଥିଲେ ବୋଲି ଚାରି ଦ୍ୱାର ଖୋଲା ହେଲା । ଭକ୍ତ ମନ ଖୋଲି ଭଗବାନଙ୍କୁ ଦର୍ଶନ କରୁଛନ୍ତି । ଛୁଟି ପାଇଁ ଭିଡ ଥିଲା, କିଛି ଅଘଟଣ ଘଟିନି କି ଘଟିବନି । ଦଇତା ନିଯୋଗ ସଭାପତି ରାମକୃଷ୍ଣ ଦାଶ ମହାପାତ୍ର କହିଛନ୍ତି, ରଥଯାତ୍ରା, ସ୍ନାନ ଯାତ୍ରା, ସୁନାବେଶ ଉପରେ ବୈଠକ ହୋଇଛି । ୫୩ବର୍ଷ ପରେ ଗୋଟିଏ ଦିନରେ ରଥଯାତ୍ରା ଓ ନବ ଯୌବନ ବେଶ ପଡୁଛି । ରଥଯାତ୍ରା ସୁରୁଖୁରୁରେ ସାରିବା ପାଇଁ ବୈଠକ ହୋଇଥିଲା । ସ୍ନାନ ପୂର୍ଣ୍ଣିମାରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ସହ ସବୁ ମନ୍ତ୍ରୀ ମାନଙ୍କୁ ଆମନ୍ତ୍ରଣ କରାଯାଇଛି ।

## ୩ ବାଇକ୍‌କୁ ଧକ୍କା ଦେଲା ଡମ୍ଫର; ଜଣେ ମୃତ, ୨ ମୃତ୍ୟୁ ମୁଖରୁ ବର୍ତ୍ତିଲେ

ଭୁବନେଶ୍ୱର,୧୭।୬(ପି.ଏନ): ୩ ବାଇକ୍‌କୁ ଧକ୍କା ଦେଲା ଡମ୍ଫର । ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୨ ଜଣ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଆଜି ଅପରାହ୍ନରେ ଏପରି ସିରିଜ୍ ଦୁର୍ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ଟାଉନ୍‌ରେ ଘଟିଛି ।ଶେରଗଡ଼ରୁ ଏକ ଡମ୍ଫର ଦ୍ରୁତ ଗତିରେ ଯାଉଥିବା ବେଳେ ନୀଳଗିରି ମହିଳା ମହାବିଦ୍ୟାଳୟ ନିକଟରେ ମାନଗୋବିନ୍ଦ ମୁଦୁଲିଙ୍କ ବାଇକ୍?କୁ ଧକ୍କା ଦେଇଥିଲା । ଡମ୍ଫରଟି ତାଙ୍କ ବାଇକ୍ ଉପରେ ଚଢ଼ି ଯାଇଥିଲା । ମାନଗୋବିନ୍ଦଙ୍କ ପଛରେ ଆସୁଥିବା ଆଉ ଦୁଇଟି ବାଇକ୍?କୁ ମଧ ଧକ୍କା ଦେଇଥିଲା ଡମ୍ଫର । ହେଲେ ସେମାନେ ବାଇକ୍ ଛାଡି ଡେଇଁ ପଡିଥିବାରୁ ଜୀବନ ବଞ୍ଚି ଯାଇଛି ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜୁନ ୧୮

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ



ବାଦଲ ଭୂୟାଁ

ଆମ ଅଗଣିତ କୋଟି କୋଟି ଓଡ଼ିଆଙ୍କ ପ୍ରାଣର ପ୍ରିୟ ଆରାଧ୍ୟ ହେଉଛନ୍ତି ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ବିନା ଆମ ଓଡ଼ିଆ ଜାତିର ତିଳେମାତ୍ର ପରିଚିତି ହିଁ ନାହିଁ। ତାଙ୍କରି ଦର୍ଶନର ଝଲକ ଟିକିଏ ପାଇବା ପାଇଁ ପୃଥିବୀର କୋଣଅନୁକୋଣରୁ ଶ୍ରୀଜଗନ୍ନାଥଙ୍କ ଧାମକୁ ଅହର୍ନିଷ ଭିଡ଼ ଲାଗିଥାଏ। ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ। କୋଟି କୋଟି ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ଯେପରି ସୁଲଭ ଦର୍ଶନ ପାଇଁ ମହାଭଗ୍ୟର ଆନନ୍ଦ ଭିତରେ ପୁରୀରୁ ଫେରିବେ ସେଥିପାଇଁ ଓଡ଼ିଶା ସରକାରଙ୍କ ଏହି ବିଶାଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଶ୍ରୀକ୍ଷେତ୍ର ପୁରୀରେ ଲୀଳାମୟ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ନବକଳେବର, ବାହୁଡ଼ାଯାତ୍ରା ଠାରୁ ସୁନାବେଶ ସବୁ ସମୟରେ ଶ୍ରୀକ୍ଷେତ୍ର ପୁରୀ ଯେଉଁପରି ଲୋକାରଣ୍ୟ ହୋଇଯାଏ ଏସବୁ ଭିତରେ ନୀଳାଦ୍ରିଶ ଦିବ୍ୟ ମାନବୀୟ ଲୀଳା ପ୍ରଦର୍ଶନ କରିଥାନ୍ତି। ୨୦୧୯ ମସିହା ଅଗଷ୍ଟ ୧୬ ତାରିଖ ଦିନ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ତିଆରି ହୋଇଥିଲା ଯାହାର ନାମ ରହିଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ଦୃଢ଼ ନିଷ୍ଠା ଓ ଆନ୍ତରିକତା ଏ ପ୍ରକଳ୍ପକୁ ଆଜି ଚୂଡ଼ାନ୍ତ ରୂପ ଦେଉଛି। ସବୁଠାରୁ ଉଲ୍ଲେଖନୀୟ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ତଥା ଓଡ଼ିଶାର ପଞ୍ଚାୟତରାଜ ଓ ଜଙ୍ଗଲ ପରିବେଶ ବିଭାଗର ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହଯୋଗ। କାରଣ ଏହି ପ୍ରକଳ୍ପରେ ପଞ୍ଚାୟତରାଜ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଅମାତ ମହୋଦୟ ବ୍ୟକ୍ତିଗତ ଭାବେ ଏହି କାର୍ଯ୍ୟକ୍ରମର ତଦାରଖ କରିବା ସହ ତାଙ୍କ ବିଭାଗ ଅଧୀନରେ ଆସୁଥିବା ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। କେବଳ ଓଡ଼ିଶାରେ ବିଜେଡ଼ିର ଗଠନ କରିବାରେ ଜଣେ ସୁଦକ୍ଷ ବିଦ୍ଧାଣୀ ଭାବେ ନୁହଁନ୍ତି ଓଡ଼ିଶା ମାଟିକୁ ଭଲ ପାଉଥିବା ଏପରି ଜଣେ ଜଗନ୍ନାଥଙ୍କ ଭକ୍ତଙ୍କ ବିଷୟରେ କ୍ୱଚିତ ଓଡ଼ିଶାବାସୀ ଜାଣନ୍ତି। ସବୁଠାରୁ ବଡ଼କଥା ଥିଲା ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ପୁରୀବାସୀ ଅକୁଣ୍ଠଚିତ୍ତରେ ଏହି ବହୁ ଆକାଂକ୍ଷିକ ପ୍ରକଳ୍ପ ପାଇଁ ସମର୍ଥନ ଜଣାଇଥିଲେ। ଏଥିପାଇଁ ୨୮୦ ପରିବାରର ୬୬୩ ଜଣ ନିଜ ବର୍ଷ ବର୍ଷର ଭିଟାମାଟି ମହାପ୍ରଭୁଙ୍କ ପାଇଁ ସମର୍ପି ଦେଇଥିଲେ। ଯେଉଁଥିରେ ୨୮ଟି ଲଜ ଓ ୪୪୦ଟି ଦୋକାନ ଘର ଥିଲା। ସରକାରୀ ୪୦୩ କୋଟି ଟଙ୍କା ସେମାନଙ୍କ ଥଇଥାନ ପାଇଁ ହାତ ଖୋଲା ଖର୍ଚ୍ଚ କରିଥିଲେ। ଏହାସହ ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱରେ ଥିବା ମଠମାନଙ୍କର ଗାଦି ଘର, ପୂଜା ଓ ଆସ୍ଥାନ କେନ୍ଦ୍ରକୁ ସରକାରୀ ଭାବେ ଅଧିଗ୍ରହଣ କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। କ୍ଷତିଗ୍ରସ୍ତ ହେଉଥିବା ଲୋକ ମାନଙ୍କ ପାଇଁ ସରକାର ବିକଳ୍ପ ବ୍ୟବସ୍ଥା କରିବା ସହ ସେଥିପାଇଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ। ୨୦୨୧ ନଭେମ୍ବର ୨୪ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଗଜପତି ମହାରାଜଙ୍କ ଦିବ୍ୟ ଉପସ୍ଥିତିରେ ଏହି ଅଦ୍ୱିତ୍ୱ ଶ୍ରୀମନ୍ଦିର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ଏହାସହ ଶ୍ରୀମନ୍ଦିରର ଚାରିପଟେ ଥିବା ୭୫ ମିଟର ପରିମିତ ପରିଧିରେ ଜମି ଦେଇଥିବା ୧୮ଟି ମଠର ମହନ୍ତ ମହାରାଜ ଓ ୧୦୮ ଜଣ ବ୍ୟକ୍ତିଗତ ଜମିଦାତାଙ୍କୁ ସରକାର ସମ୍ବର୍ଦ୍ଧିତ କରି କୃତଜ୍ଞତା ଜ୍ଞାପନ କରିଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଶ୍ରୀକ୍ଷେତ୍ରକୁ ଐତିହ୍ୟ ସହର ପାଇଁ ସରକାର ଅବଢ଼ା ଯୋଜନା ମାଧ୍ୟମରେ ସମୁଦାୟ ୨୨ଟି ପ୍ରକଳ୍ପ ପାଇଁ ୩୨୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର କାର୍ଯ୍ୟକାରିତା ଭିତରେ ରହିଛି ଅତି ସୁନ୍ଦର ପୂର୍ଣ୍ଣରୂପ। ମେଘନାଦ ପାଚେରୀ ଠାରୁ ୭ମିଟର ବଫର ଯୋନ ରହିଛି। ପରବର୍ତ୍ତୀ ୧୦ ମିଟର ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱ ପରିକ୍ରମା ଉଦ୍ଦେଶ୍ୟରେ ଖୋଲା ରହିଛି। ପରବର୍ତ୍ତୀ ୧୦ ମିଟରରୁ ୧୪ ମିଟର ଭିତରେ ଲ୍ୟାଣ୍ଡସ୍କେପ ଜୋନ, ପରବର୍ତ୍ତୀ ୮ ମିଟର ବାହ୍ୟ ପରିକ୍ରମା ମାର୍ଗ ଓ ଏହା ପରର ୧୦ ମିଟର ବିଶ୍ରାମ ଗୃହ ସୂଚନା କେନ୍ଦ୍ର ପାଇଁ ଓ ପରବର୍ତ୍ତୀ ୫ମିଟର ଶ୍ରୀମନ୍ଦିର ପ୍ରକଳ୍ପର ରକ୍ଷଣାବେକ୍ଷଣ, ପରବର୍ତ୍ତୀ ୪.୫ ମିଟର ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ପାଇଁ, ୭.୫ ମିଟର ଟ୍ରାଫିକ ଲେନ ନିମିତ୍ତ ଓ ଶେଷ ପରବର୍ତ୍ତୀ ୭ ମିଟର ପାର୍ଶ୍ୱବର୍ତ୍ତୀ ସାହି ବାସିନ୍ଦା, ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ଗାଡ଼ି ପାର୍କିଂ, ଭକ୍ତଙ୍କ ବସିବା ସ୍ଥାନ ଆଦି ରହିଛି। ଆସନ୍ତା ଜାନୁଆରୀ ୧୭ ତାରିଖରେ ମହତାକାଂକ୍ଷୀ ପରିକ୍ରମ ପ୍ରକଳ୍ପ ଲୋକାର୍ପଣ ହେବ। ଏଥିପାଇଁ ଭବ୍ୟ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଉଛି। ଜାନୁଆରୀ ୧୨ ତାରିଖରୁ ହୋମ ଯଜ୍ଞାଦି କର୍ମ ଆରମ୍ଭ ହେବ। ୧୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ଶ୍ରୀ ମନ୍ଦିର ଆଦ୍ୟସେବକ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ପୂର୍ଣ୍ଣାହୁତି ଦେବେ। ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞକୁଣ୍ଡ ସ୍ଥାପନ ହେବ। ଜାନୁଆରୀ ୧୨ ତାରିଖରୁ ଯଜ୍ଞାଦି କର୍ମ ଆରମ୍ଭ ହେବ। ସେହିଦିନ ଅପରାହ୍ନ ୨ଟା ୪୫ରୁ ୪ଟା ମଧ୍ୟରେ ଗୁଆବରଣ, ସନ୍ଧ୍ୟା ସାଢ଼େ ୬ରୁ ରାତି ୮ଟା ମଧ୍ୟ ଅଙ୍କୁରାରୋପଣ ସଂପନ୍ନ ହେବ। ୧୩ ତାରିଖ ସନ୍ଧ୍ୟା ୬ଟାରେ ଅଙ୍କୁର ପୂଜନ କରାଯିବ। ୧୪ ତାରିଖ ସନ୍ଧ୍ୟା ୫ଟାରେ ମଣ୍ଡଳ ସ୍ଥାପନ, ଅଙ୍କୁର ପୂଜନ ହେବ। ୧୫ ତାରିଖରୁ ହୋମ ଯଜ୍ଞ କରାଯିବ। ସକାଳ ସାଢ଼େ ୭ଟାରେ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ, ଅପରାହ୍ନ ୩ଟାରେ ବୈଷ୍ଣବ ନାମାଗ୍ନି ସଂସ୍କାର, ଆରତି ଓ ପୁଷ୍ପାଞ୍ଜଳି, ୧୬ ତାରିଖ ସକାଳ ସାଢ଼େ ୭ଟାରୁ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋ ପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳପୂଜା, ହବନ ଆରତି, ପୁଷ୍ପାଞ୍ଜଳି ଏବଂ ୧୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ହେବ। ଏହି ଦିନ ସକାଳ ସାଢ଼େ ୭ଟାରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋ ପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ, ଫଳକ ଲୋକାର୍ପଣ, ଅପରାହ୍ନ ସାଢ଼େ ୧ଟାରୁ ୨ଟା ୨୫ ମଧ୍ୟର ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ଦିଆଯିବ ବୋଲି ସମୟ ନିର୍ଘଣ୍ଟ ହୋଇଛି। ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ଅବସରରେ ବେଦ ପାଠରେ ପ୍ରକମ୍ପିତ ହୋଇ ଉଠିବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ବେଦ ପାଠରେ ପବିତ୍ର ହୋଇଉଠିବ ସାରା ପରିବେଶ। ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାଠ କରାଯିବ। ପୂର୍ବ ତଥା ସିଂହଦ୍ୱାରରେ ଋଗବେଦ, ପଶ୍ଚିମ ତଥା ବାଘ ଦ୍ୱାରରେ ସାମ୍ ବେଦ, ଦକ୍ଷିଣ ତଥା ଘୋଡ଼ା ଦ୍ୱାରରେ ଯର୍ଜୁବେଦ ଏବଂ ଉତ୍ତର ତଥା ହାତୀ ଦ୍ୱାରରେ ଅଥର୍ବ ବେଦ ପାଠ ହେବ। ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର ଓ ଶ୍ରୀପୁରୁଷୋତ୍ତମ କ୍ଷେତ୍ର। ସ୍ଥାନ ଗୋଟିଏ ନାମ ଅନେକ। ଲୀଳାମୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ। ଶ୍ରୀକ୍ଷେତ୍ର ପୁରୀ, ଯାହାର ମାଟି, ପାଣି, ପବନ ସବୁଥିରେ ଭରି ରହିଛି ପବିତ୍ରତା ଓ ଆଧାତ୍ମିକତାର ବାସ୍ନା। ଏହି ପାବନ ଭୂମିର ଗୌରବମୟ ଇତିହାସ ଆଜି ବିଶ୍ୱବିଦିତ। ସାରା ବିଶ୍ୱ କେବଳ ଉପଭୋଗ ପାଇଁ ନୁହେଁ, ଅଧିକନ୍ତୁ ଉପାସନା ପାଇଁ ବି ଏଠାକୁ ଆସିଥାନ୍ତି। ସେବେ ଏ ମାଟି ସବୁ ଧର୍ମ, ସବୁ ପନ୍ଥକୁ ଆପଣାଇଥିଲା, ଆଜି ବି କରୁଛି। ସବୁମତ, ସବୁ ପଥ ଆଉ ବିଶ୍ୱାସ ଏଇଠି ଠୁଳ ହୋଇଛି। ଏହି ମାଟିରେ ସମନ୍ୱୟକୁ ଅନୁଭବ କରିହୁଏ। ଏହାକୁ ମର୍ତ୍ତ୍ୟ ବୃନ୍ଦାବନ ବୋଲି କୁହାଯାଏ। ଏହି ପୁଣ୍ୟ ଭୂମିର ଗରିମାକୁ ଆହୁରି ସୁଦୂରପ୍ରସାରି କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତି ଦୀର୍ଘମିଆଦୀ ରୋଡ୍‌ମ୍ୟାପକୁ ଦିଆଯାଉଛି ବାସ୍ତବ ରୂପ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ଗଢ଼ିବା ପାଇଁ ଅନେକ ମେଗା ପ୍ରକଳ୍ପ ହାତକୁ ନିଆଯାଇଛି। ଏକାଧିକ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇଥିବା ବେଳେ ଆହୁରି କେତେକ କାମ ଜାରି ରହିଛି। ତେବେ ପୁରୀର ସବୁଠୁ ବଡ଼ ପ୍ରକଳ୍ପ ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଓଡ଼ିଆ ଅସ୍ମିତାର ଆଦ୍ୟଉତ୍ସ ଆମ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏପରି ଭକ୍ତି ନୈବେଦ୍ୟ ଏକ ଐତିହାସିକ ଅବସର ଆମ ସମସ୍ତଙ୍କୁ ଦେବା ପାଇଁ ଯାଉଛି। ଓଡ଼ିଶାର ଲୋକପ୍ରିୟ ସରକାରଙ୍କ ଏହି ମହତପୂର୍ଣ୍ଣ ପ୍ରୟାସ ଫଳବତୀ ହେବାଦ୍ୱାରା ଓଡ଼ିଆଙ୍କ ଆଧାତ୍ମିକ ଓ ସାଂସ୍କୃତିକ ଭାବନାର ପୁନଜାଗରିତ ହେବାସହ ମହାପ୍ରଭୁଙ୍କ ମହାକୃପା ପ୍ରାପ୍ତି ହେବାର ଏହି ପ୍ରକଳ୍ପ ଏକ ମାଇଲ ଖୁଣ୍ଟ ହୋଇ ରହିବ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି*
*ପ୍ରତାପ ଆପାର୍ଟମେଣ୍ଟ,*
*୭ ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୮୫୩୨ /*
*୯୨୦୪୬୫୨୦୬୫*

# ଓଡିଶାରେ ମୋହନ ସରକାର



ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡଶାରେ ଆରମ୍ଭ ହୋଇଛି ମୋହନ ମାଝୀ ଯୁଗ। ବୁଧବାର ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ସ୍ଥାନୀୟ ଜନତା ମୈଦାନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦୁଝର ବିଧାନସଭା ଆସନରୁ ୪ଥର ନିର୍ବାଚିତ ମୋହନ ଚରଣ ମାଝୀ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଓଡିଶାର ରାଜ୍ୟପାଳ ରଘୁବର ଦାସ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ମୁଁ ମୋହନ ଚରଣ ମାଝୀ, ଈଶ୍ୱରଙ୍କ ନାମରେ ଶପଥ ନେଉଛି ଯେ, ମୁଁ ବିଧି ଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ସତ୍ୟ, ଶ୍ରଦ୍ଧା, ନିଷ୍ଠା ରଖିବି । ମୁଁ ଦେଶର ସର୍ବାଭୌମତ୍ୱ ଓ ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବି। ମୁଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହିସାବରେ ନିଜର କ ର୍ତ୍ତବ୍ୟକୁ ଶ୍ରଦ୍ଧାପୂର୍ବକ ନିଷ୍ଠାର ସହ ନିର୍ବାହ କରିବି ତଥା ମୁଁ ଭୟ କିମ୍ବା ପକ୍ଷପାତିତା , ଅନୁରାଗ କିମ୍ବ ଦ୍ୱେଷ ବିନା ସବୁପ୍ରକାରର ଲୋକଙ୍କ ପ୍ରତି ସମ୍ବିଧାନ ଓ ବିଧି ଅନୁସାରେ ନ୍ୟାୟ ପ୍ରଦାନ କରିବି। ମୁଖ୍ୟମନ୍ତ୍ରୀଙ୍କ ପରେ ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀ ପରିଡା ଓ କେ.ଭି. ସିଂହଦେଓ ଏବଂ ୮କ୍ୟାବିନେଟ୍ ଓ ୫ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି । ଏହି ଭବ୍ୟ ସମାରୋହରେ ବହୁ ମାନ୍ୟଗଣ୍ୟ ଅତିଥି ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେପି ଶାସିତ ରାଜ୍ୟର କିଛି ମୁଖ୍ୟମନ୍ତ୍ରୀ ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଏହି ଉତ୍ସବରେ ଯୋଗଦେଇଥିଲେ । ତେବେ ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ଐତିହାସିକ ମୂହୁ ର୍ତ୍ତର ସାକ୍ଷୀ ହୋଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନେକ ଦାବିଦାର ଥିଲେ ବି ସମସ୍ତଙ୍କୁ ଚମକାଇ ମୋହନ ମାଝୀଙ୍କୁ ରାଜ୍ୟର ମୁଖିଆ ଦାୟିତ୍ୱ ନେବାକୁ ପଡିଲା । ଯାହା ଆଶା କରାଯାଉଥିଲା ଯେ ମୁଖ୍ୟମନ୍ତ୍ରୀ ପଦ ଦେବାରେ ଭାରତୀୟ ଜନତା ଦଳ ମଧ୍ୟପ୍ରଦେଶ ରାଜସ୍ଥାନ ଓ ଛତିଶଗଡ ଭଳି ଓଡିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ନିଷ୍ପ ତ୍ତିରେ ଆଶ୍ଚର୍ଯ୍ୟ କରିଦେଲେ। ନୂଆ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ମୋହନ ଚରଣ ମାଝୀଙ୍କ ଜନ୍ମ ୧୯୭୨ ମସିହା ଜାନୁୟାରୀ ୬ ତାରିଖ । ଘରେ ମାଆ ଏବଂ ପତ୍ନୀଙ୍କ ସହ ଦୁଇ ପୁଅ ଅଛନ୍ତି। ପତ୍ନୀ ଡା. ପ୍ରିୟଙ୍କା ମାରାଣ୍ଡି ଚଳିତ ନିର୍ବାଚନରେ ସେ ବିଜେଡିର ମୀନା ମାଝୀଙ୍କୁ ୧୧୫୭୭ଖଣ୍ଡ ଭୋଟରେ ପରାସ୍ତ କରି ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ସରପ ରୁ ସିଏମ୍ (ମୁଖ୍ୟମନ୍ତ୍ରୀ) ରାସ୍ତାରେ ସେ ଚାରିଥର ବିଧାୟକ, ଥରେ ଉପମୁଖ୍ୟ ସଚେତକ ଓ ଥରେ ବିରୋଧୀ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ପୂର୍ବରୁ ୧୯୯୭ରେ ସେ ଥିଲେ ସରପ ତା ପରେ ସେ ବିଧାୟକ ହେଲେ ଏବେ ମୁଖ୍ୟମନ୍ତ୍ରୀ । ବୁଧବାର ଦିନ ସେ ଓଡିଶାରେ ତୃତୀୟ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହା ପୂର୍ବରୁ ୨୦୦୦ ,୨୦୦୪, ୨୦୧୯, ଓ ୨୦୨୪ ମୋଟରେ ଚାରିଥର ସେ ବିଧାନସଭାକୁ ନିର୍ବଚିତ ହୋଇଛନ୍ତି ଜଣେ ଆଦିବାସୀ ବର୍ଗର ଯୁବକ ଏବଂ ସ୍ନାତକ ଡିଗ୍ରୀଧାରୀ ରାଜନୀତିରେ ଯୋଗଦେବା ପୂର୍ବରୁ ସେ ଶିଶୁ ମନ୍ଦିରରେ ଗୁରୁଜୀ ଭାବରେ ଶିକ୍ଷାଦାନ କରୁଥିଲେ। ଆଉ ଏହା ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ। ଏଣିକି ଓଡିଶା ଶାସନର ନୂଆ ନାଁ ଲେଖାହେବ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

ସୂଚନା ଯୋଗ୍ୟଯେ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଓଡିଶାରେ ବିଜେପି ଆଶାତୀତ ସଫଳତା ପାଇଛି । ୨୧ରୁ ୨୦ ଆସନ ଦଖଲ କରିଛି ଦଳ ବିଜେଡି ଖାତାଖୋଲିପାରି ନାହିଁ । ଜାତୀୟସ୍ତରରେ ଯେକୌଣସି ରାଜ୍ୟସହ ତୁଳନା କଲେ ଓଡିଶାରେ ବିଜେପିର ସଫଳତା ସର୍ବାଧିକ ରହିଛି। ସେହିପରି ଓଡିଶାରେ ନବୀନ ଯାଦୁ କାମ କରିନି । ନବୀନଙ୍କ ୨୪ବର୍ଷ ୩ମାସ ଶାସନରେ ପୂର୍ଣ୍ଣଛେଦ ପଡିଛି। ସେ କେନ୍ଦ୍ରମନ୍ତ୍ରୀ ହୋଇଯିବା ପରେ କିଏ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଥିଲା । ସେ ଆଲୋଚନାର ପର୍ବ ଏବେ ଶେଷ ହୋଇଛି । ବାଜିଜିତିଛନ୍ତି କେନ୍ଦୁଝର ବିଧାୟକ ମୋହନ ମାଝୀ। ମଙ୍ଗଳବାର ସନ୍ଧ୍ୟାରେ ସେ ରାଜଭବନକୁ ଯାଇ ସରକାର ଗଠନ ପାଇଁ ଦାବୀ କରିବା ସହ ଓ ୧୨ ତାରିଖରେଶପଥ ଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ନାମ ଘୋଷଣା ପରେ ମୋହନ ମାଝୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଓଡିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି । ମୋହନ ମାଝୀ ଜଣେ ଆଦିବାସୀ ନେତା ରୂପରେ ଜଣେ ଜଣାଶୁଣା ଚେହେରା। ସର୍ବୋପିର ସେ ଜଣେ ଆଦିବାସୀ ଚେହେରା । ତେଣୁ ତାଙ୍କୁ ଅନ୍ୟ ବିଧାୟକମାନେ ସମର୍ଥନ କରିଥିଲେ । ସେହିପରି ବିଧାନସଭାରେ ୨ଜଣ ଉପମୁଖ୍ୟମନ୍ତ୍ରୀ ରହିବେ ବୋଲି ବିଜେପି ଘୋଷଣା କରିଛି । ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂହଦେଓ ଓ ନିମାପଡା ବିଧାୟିକା ପ୍ରଭାତୀ ପରିଡା ଏହି ପଦବୀରେ ରହିବେ। ଏବେବି ଜଣେ ଆଦିବାସୀ ନେତା ଭାବରେ ରାଜ୍ୟରେ ତାଙ୍କର ବେଶ୍ ପ୍ରଭାବ ରହିଛି । ବିଜେପି ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ବେଶ୍ ଜଣାଶୁଣା ସେ । ଏପରିକି ୨୦୦୯ରେ ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଅନେକ ନେତା ବିଜେପି ଛାଡି ବିଜେଡିରେ ମିଶିଥିଲେ ସୁଦ୍ଧା ମୋହନ ବିଜେପି ଛାଡିନଥିଲେ। ବିଧାନସଭା ଭିତରେ ଓ ବାହରେ ସେ ବେଶ୍ ପ୍ରଭାବୀ ଢଙ୍ଗରେ ସରକାରଙ୍କୁ ସମାଲୋଚନା କରି ରାଜ୍ୟସ୍ତରରେ ଦଳୀୟ ନେତୃବୃନ୍ଦ ଓ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ଯାହାର ଫଳସ୍ୱରୂପ ରାଇକଳାର ମୋହନ ଏବେ ରାଇଜ ମୁଖିଆ। ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ ପରେ ପ୍ରଥମ କ୍ୟାବିନେଟ ବୈଠକରେ ଶ୍ରୀମନ୍ଦିର ୪ଦ୍ୱାରା ଖୋଲିବା ରତ୍ନଭଣ୍ଡାର ଚାବି ଠାବ କରିବା, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ କରିବା, ସୁଭଦ୍ରାଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର ଦେବା ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଇଥିଲା । ପ୍ରଥମ ପ୍ରସ୍ତାବ ଅନୁସାରେ ଗୁରୁବାର ମଙ୍ଗଳଆଳତୀ ପରେ ଖୋଲିଲା ଶ୍ରୀମନ୍ଦିର ୪ଦ୍ୱାର। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳ ସଦସ୍ୟଙ୍କ ଉପସ୍ଥିତିରେ ଏହା କରାଗଲା । ଶ୍ରଦ୍ଧାଳୁମାନେ ବିନା ବାଧାରେ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି । ଆଗକୁ ରହିଛି ଅନେକ ପ୍ରତିଶ୍ରୁତି । ତାକୁ ମଧ୍ୟ ପୂରଣ କରିବାକୁ ହେବ । ଏପରିକି ବିଧାନସଭାରେ ଏକ ଶକ୍ତ ବିରୋଧୀ ଦଳ ଭାବେ ବିଜେଡି ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ହୋଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ମଧ୍ୟ ଅଛି। ତେଣୁ ନୂତନ ଭାବେ ଗଠିତ ବିଜେପି ସରକାର ଓ ଆମ ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପାଇଁ ଏହା ଏକ ଆହ୍ୱାନ ହେବ। ଏହି ଆହ୍ୱାନକୁ ଆମର ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କିପରି ସଫଳତାର ସହ ମୁକାବିଲା କରିବେ ତାହା ସମୟ କହିବ !

*ତି[illegible]ଲ, ଜଗତସିଂହପୁର*
*ମୋ-୯୯୩୭୧୫୧୦୫୨*

# ପିଲାଙ୍କୁ ନେଇ ସୃଜନର ଦୁନିଆ



ଯଶସ୍ୱିନୀ ପଟ୍ଟନାୟକ

ସୃଜନଶୀଳତା ପ୍ରତ୍ୟେକଙ୍କର ଅନ୍ତର୍ନିହିତ ସ୍ୱତନ୍ତ୍ରତାର ଝଲକ। ଏହା ଈଶ୍ୱର ପ୍ରଦତ୍ତ ନିଶ୍ଚୟ। ତେବେ ଅନେକ କ୍ଷେତ୍ରରେ ଦେଖାଯାଏ ପିତା-ମାତା ମାନେ ସୃଜନଶୀଳତାକୁ ପ୍ରାଥମିକ ସମୟରୁ ବୁଝି ପାରିନଥାନ୍ତି ଯାହାର ଫଳସ୍ୱରୂପ ସେମାନେ ଏହାର ପ୍ରାସଙ୍ଗିକତା ବୁଝିଲାବେଳକୁ ଅନେକ ବିଳମ୍ବ ହୋଇଯାଇଥାଏ। କିନ୍ତୁ ସୃଜନଶୀଳତା ଏକ ପିଲାର ଆସନ୍ତା ସମୟ ପାଇଁ ତା ଭବିଷ୍ୟତର କର୍ମଦକ୍ଷତା ଓ ଦୈନନ୍ଦିନ ଜୀବନର ଶୃଙ୍ଖଳା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ସୃଜନଶୀଳତା ଦ୍ୱାରା ଜଣେ ନିଜ ଜୀବନର ମାର୍ଗଦର୍ଶନର ପ୍ରଥମ ସୋପାନକୁ ଅତିକ୍ରମ କରିପାରିବ। ନିଜ ପିଲାଙ୍କ ସଫଳତା ପାଇଁ କେଉଁ ପିତାମାତା ଖୁସି ବା ନହୁଅନ୍ତି । ସମସ୍ତେ ନିଜ ପିଲାଙ୍କ ସଫଳତା ପାଇଁ ଗର୍ବ କରିବା ସ୍ୱାଭାବିକ । କିନ୍ତୁ ଦେଖାଯାଇଥାଏ ଅଧିକାଂଶ ପିତାମାତା ସେମାନଙ୍କର ପିଲାଙ୍କ ଭବିଷ୍ୟତ ନେଇ ଯତ୍ନଶୀଳ ହୋଇଥିଲେ ମଧ୍ୟ କିନ୍ତୁ ସେମାନଙ୍କ ସୃଜନଶୀଳତା ପ୍ରତି ନଜର ଅନ୍ଦାଜ କରିଥାନ୍ତି । ସର୍ବଦା ଦେଖାଯାଇଥାଏ ପିଲାମାନେ ପ୍ରାୟତଃ ଜିଜ୍ଞାସୁ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ସେମାନେ ବହୁ ପ୍ରଶ୍ନ ପଚାରିଥାନ୍ତି । ବେଳେବେଳେ କୌତୁହଳ ବଶତଃ ଅନ୍ୟମାନଙ୍କର ଜ୍ଞାନର ପରିସୀମା ମାପିବା ପାଇଁ ମଧ୍ୟ ପ୍ରଶ୍ନ ପଚାରିଥାନ୍ତି । ତେବେ ଏଥିରୁ ସେମାନଙ୍କୁ ପ୍ରଗଳଭ ଭାବରେ ବିବେଚନା କରି ବିରକ୍ତି ପ୍ରକାଶ ନକରି ବରଂ ଉତ୍ସାହିତ କରନ୍ତୁ । ସେମାନଙ୍କୁ ଟଳେଇ ଦେଇ ସଂକ୍ଷିପ୍ତ ଉତ୍ତର ନଦେଇ ସବିଶେଷ ଭାବରେ ପ୍ରଶ୍ନଟିର ଉତ୍ତର ପ୍ରଦାନ କରନ୍ତୁ । ଯଦି ଆପଣ ସେ ପ୍ରଶ୍ନର ଉତ୍ତର ନିଜେ ଜାଣିନଥାନ୍ତି ତେବେ ସେମାନଙ୍କ ପ୍ରଶ୍ନୋତ୍ତର ଶୈଳୀକୁ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରନ୍ତୁ । ସମ୍ପ୍ରତି ଅତ୍ୟାଧୁନିକ ବ୍ୟସ୍ତମୟ ଧାଁଅଁଧଉଡ଼ ଜୀବନ ଭିତରେ ପିତାମାତାମାନେ ସେମାନଙ୍କ ପିଲାଙ୍କୁ ଯଥେଷ୍ଟ ଭାବରେ ସମୟ ଦେଇପାରି ନଥାନ୍ତି । କିନ୍ତୁ ଏହା ଠିକ୍ ନୁହେଁ । ଯାହାବି ହେଲେ ସେମାନଙ୍କ ପାଇଁ କିଛି ସମୟ ବାହାର କରି ସେମାନଙ୍କ ସହ ସମୟ କାଟିବା କଥା । ସବୁବେଳେ ମନେ ରଖିଥାନ୍ତୁ ଆପଣ ସେମାନଙ୍କୁ ଯେତେ ଅଧିକ ସମୟ ଦେବେ ସେମାନଙ୍କ ସୃଜନଶୀଳତାର ବିକାଶ ସେତେ ଅଧିକ ହେବ । ଆଉଗୋଟିଏ କଥା ଭୁଲିବେ ନାହିଁ ପିଲାମାନଙ୍କ ସହ କ୍ରୀଡ଼ା କୌତୁକ କରିବା ସମୟରେ ଆପଣମାନେ ନିଜ ବୟସକୁ ଭୁଲିଯାଇ ଛୋଟ ପିଲାଙ୍କ ପରି ସେମାନଙ୍କ ସହ ଖେଳନ୍ତୁ । ବିଶେଷକରି ସ୍ୱାସ୍ଥ୍ୟପ୍ରଦ କ୍ରୀଡ଼ାକୁ ଗୁରୁତ୍ୱ ପ୍ରଦାନ କରନ୍ତୁ । ସମ୍ପର୍କ ଅଧିକ ନିବିଡ଼ କରିବା ପାଇଁ ଓ ପରସ୍ପର ମଧ୍ୟରେ ଭାବଗତ ସମ୍ପର୍କ ସୃଷ୍ଟି ପାଇଁ ପିଲାମାନଙ୍କ ସହ ବେଳେ ବେଳେ ସେମାନଙ୍କ ଚିନ୍ତନ ସହ ସମଭାଗୀ ହୋଇ ଛୋଟିଆ ଆଲୋଚନା କରନ୍ତୁ । ଅଧିକାଂଶ ପିତାମାତା ପିଲାଙ୍କ ସହ କେବଳ ଉପଦେଶ ବା ପରାମର୍ଶ ଦେବା ସମୟରେ କଥାବାର୍ତ୍ତା କରିଥାନ୍ତି । କିନ୍ତୁ ବିଭିନ୍ନ ବିଷୟରେ ସେମାନଙ୍କ ସହ ଆଲୋଚନା କଲେ ସେମାନଙ୍କ ସୃଜନଶୀଳତା ବଢ଼ିବ ବୋଲି ସେମାନେ ସମ୍ଭବତଃ ଭୁଲିଯାଇଥାନ୍ତି । ଏହି ସମୟରେ ସେମାନଙ୍କୁ ଆବଶ୍ୟକସ୍ଥଳେ ପରାମର୍ଶ ଦେବା ବ୍ୟତିରକେ ସେମାନଙ୍କୁ କହିବା ପାଇଁ ସଂପୂର୍ଣ୍ଣ ସୁଯୋଗ ଦିଅନ୍ତୁ । ସେମାନଙ୍କ ଉପରେ ନିଜ ମତକୁ ଲଦି ଦେବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁ । ସମୟାନୁସାରେ ପିଲାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ସୁଯୋଗ ଦେଇ ସେମାନଙ୍କୁ ସାହାସୀ ଓ ସ୍ୱାବଲମ୍ବୀ ହେବାର ବାର୍ତ୍ତାଦେଇ ସେମାନଙ୍କ ଉପରେ ଭରସା ରଖନ୍ତୁ । ଦେଖାଯାଇଥାଏ ଆମ୍ଭେମାନେ ସବୁବେଳେ ପିଲାମାନଙ୍କ ପାଇଁ ନିଜେ ହିଁ ନିଷ୍ପତ୍ତି ନେଇଥାଉ । ସେମାନଙ୍କ ପାଇଁ କେଉଁଟା ଠିକ୍ ବା ଭୁଲ ଆମେ ଭଲ ଭାବେ ଜାଣୁ ବୋଲି ବିଶ୍ୱାସ କରୁ । ସାରା ଜୀବନ ତ ଆମେ ସେମାନଙ୍କ ପାଇଁ ନିଷ୍ପତ୍ତି ନେଇ ପାରିବା ନାହିଁ ତେଣୁ ଏ ଦାୟିତ୍ୱ ତାଙ୍କ ଉପରେ ଛାଡି ଦିଆଗଲେ ଭଲ ହେବ । ତେବେ ଆପଣ ଏଥିରେ ଦିଗ୍‌ଦର୍ଶକର ଭୂମିକା ନିର୍ବାହ କରିପାରିବେ । ପିଲାମାନଙ୍କୁ ଶୋଇବା ସମୟରେ ବା ଅବସର ସମୟରେ ସେମାନଙ୍କ ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ପାଇଁ ବିଭିନ୍ନ ଗପ କୁହନ୍ତୁ । ପୌରାଣିକ କାହାଣୀ ଓ ଧାର୍ମିକ କଥା ପିଲାମାନଙ୍କ ଆଦର୍ଶ ପୁସ୍ତିକାରୁ କିଛି ନୀତିଗପ ସେମାନଙ୍କୁ ଶୁଣାନ୍ତୁ । ଭାରତବର୍ଷର ବିଭିନ୍ନ ପ୍ରତିଥ ଯଶା ବ୍ୟକ୍ତିତ୍ୱ ସମ୍ପର୍କିତ କାହାଣୀ ମଧ୍ୟ ସେମାନଙ୍କୁ ଶୁଣାଇଲେ ସେମାନେ ସେହି ମହତ୍ ବ୍ୟକ୍ତିମାନଙ୍କର ଜୀବନର ପ୍ରେରଣାପ୍ରଦ କାହାଣୀ ଶୁଣି ନିଜେ ଉତ୍ସାହ ପାଇପାରିବେ । ପିଲାମାନଙ୍କୁ ସକାଳେ କିମ୍ବା ସାନ୍ଧ୍ୟଭ୍ରମଣରେ ବୁଲାଇ ନେବାର ଅଭ୍ୟାସ କରାନ୍ତୁ । ଏହି ସମୟରେ ସେମାନଙ୍କୁ ବୃକ୍ଷଲତା ସମ୍ବନ୍ଧୀୟ, ପରିବେଶ ସୁରକ୍ଷା ସମ୍ପର୍କିତ କିମ୍ବା ବଗିଚାର ଯତ୍ନ ସମ୍ପର୍କିତ କିଛି କାହାଣୀ କୁହନ୍ତୁ । ଗୃହପାଳିତ ପଶୁପକ୍ଷୀଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସାହିତ କରିବା ସହ ମଝିରେ ମଝିରେ ବିଭିନ୍ନ ଚିଡ଼ିଆଖାନା ଓ ପାର୍କକୁ ସେମାନଙ୍କୁ ବୁଲାଇ ନିଅନ୍ତୁ । ଏହାଦ୍ୱାରା ପିଲାମାନେ ପ୍ରକୃତି ସହ ମିଶିବାର ସୁଯୋଗ ପାଇପାରିବେ । ପିଲାମାନଙ୍କୁ ଖେଳନା ଦେବା ସମୟରେ ସେମାନଙ୍କୁ ବିଶେଷକରି ବିଜ୍ଞାନ ଚିନ୍ତନ ଉଦ୍ରେକକାରୀ ଖେଳନା କିମ୍ବା କିଛି ଭଲ ପୁସ୍ତକ ପଢ଼ିବା ସମ୍ପର୍କରେ ଜାଣିବାର ସୁଯୋଗ ଦିଅନ୍ତୁ । ଏହାଦ୍ୱାରା ସେମାନଙ୍କ କଳ୍ପନା ଶକ୍ତିର ବିକାଶ ହେବା ସମ୍ଭବ ହେବ । ପିଲାମାନଙ୍କୁ ନିଜେ ନିଜର ଶ୍ରେଣୀଗତ ବିଜ୍ଞାନ ପ୍ରକଳ୍ପ କିମ୍ବା ଦଳଗତ ଆଲୋଚନା ପାଇଁ ଉତ୍ସାହିତ କରନ୍ତୁ । ବେଶୀ ସମୟ ଟିଭି ଦେଖାରେ ସୁଯୋଗ ନଦେଇ ବରଂ ସେମାନଙ୍କୁ କିଛି ସମୟ ଇଣ୍ଟରନେଟ୍‌ରେ ବିଜ୍ଞାନ, ଐତିହାସିକ କାହାଣୀ, ଲୋକ ପରମ୍ପରା ଓ ପର୍ଯ୍ୟଟନ, ଭ୍ରମଣ କାହାଣୀ ଠାରୁ କ୍ରୀଡ଼ା ସମ୍ପର୍କିତ ଘଟଣାବଳୀ ବା ପୌରାଣିକ ଲୋକକଥା କିଛି ଜାଣିବାର ସୁଯୋଗ ଦିଅନ୍ତୁ । ଛୋଟ ସମୟରୁ ସେମାନଙ୍କୁ ନିଜ ନିଜ ସ୍ୱାସ୍ଥ୍ୟ ସଚେତନ ରହିବା ପାଇଁ ଶିକ୍ଷା ଦିଅନ୍ତୁ । ସବୁବେଳେ ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବାପାଇଁ ଚେଷ୍ଟା ଜାଗ୍ରତ କରାଇବା ସହ ସଦାସର୍ବଦା ମାନବୀୟ ମୂଲ୍ୟବୋଧ ସମ୍ପର୍କିତ ଦିବ୍ୟ ଭାବନା ଉଦ୍ରେକ କରିବା ପାଇଁ ସେମାନଙ୍କୁ ସଦାସର୍ବଦା ଭଗବାନଙ୍କ ନାମ ସ୍ମରଣ କରିବା ପାଇଁ ଶିକ୍ଷା ପ୍ରଦାନ କରନ୍ତୁ । ଆଜିକାଲି ଅନେକ ଶିକ୍ଷାୟତନରେ ପ୍ରାୟତଃ ପିଲାମାନଙ୍କ ସୃଜନଶୀଳତା ପାଇଁ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ଏହା ନିଶ୍ଚିନ୍ତ ଖୁସିର କଥା। ପ୍ରାଚୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥିତ ଓ ମାନବୀୟ ମୂଲ୍ୟବୋଧ ପରମ୍ପରାକୁ ଗୁରୁତ୍ୱ ଦେଇଥିବା ଓଡ଼ିଶାର ଅନ୍ୟତମ ଆଦର୍ଶ ବିଦ୍ୟାଳୟ କଟକ ସିଡିଏର ନାଳନ୍ଦା ପବ୍ଲିକ ସ୍କୁଲରେ ସ୍ୱତନ୍ତ୍ର ଭାବେ ଅନେକ ସୃଜନଶୀଳ କାର୍ଯ୍ୟକ୍ରମ ନିୟମିତ ଭାବେ ଅନୁଷ୍ଠିତ ହେଉଛି। କେବଳ ଖେଳକୁଦ ନୁହେଁ ବା କୌଣସି ପ୍ରତିଯୋଗିତା ନୁହେଁ ସାମଗ୍ରିକ ଭାବେ ଯେକୌଣସି ପିଲାର ଯେକୌଣସି ଭାବନାର ଅନ୍ତଃ ସୃଜନଶୀଳତାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିବା ମାତ୍ରେ ତୁରନ୍ତ ଏ ନେଇ ପିଲାର ମାନସିକତା ସହ ସୃଜନଶୀଳତାକୁ ଅଗ୍ରାଧିକାର ଦେଇ ଏହାର ବିକାଶ ପାଇଁ ନିଜେ ଦାୟିତ୍ୱ ନେଇଥାନ୍ତି ଯାହାର ଫଳ ସ୍ୱରୂପ ଏହି ବିଦ୍ୟାଳୟର ଅନେକ କୋଳମତି ପ୍ରତିଭାବାନ ମାନେ ଆଜି କେବଳ ରାଜ୍ୟ ସ୍ତରରେ ନୁହେଁ ଜାତୀୟ ସ୍ତରରେ ସୁନାମ ବଢ଼ାଉଛନ୍ତି। ଆଜିକାଲି ଅନେକ ପିତା-ମାତା ତଥାକଥିତ ବଜାରର ବା ସୋସିଆଲ ମିଡ଼ିଆର କୌଣସି ସୂଚନା ପାଇ ପିଲାମାନଙ୍କୁ ଗଢ଼ି ତୋଳିବା ପାଇଁ ଉଦ୍ୟମ କରୁଛନ୍ତି। କିନ୍ତୁ ଓଡ଼ିଆରେ ଏକ କଥା ଅଛି ସବୁ ଚକ୍ ଚକ୍ କରୁଥିବା ଜିନିଷ ସୁନା ହୋଇନଥାଏ। ତେଣୁ ବଜାରରେ ଭେଳିକି ସୃଷ୍ଟି କରୁଥିବା ଚିକ୍‌ମିକିଆ ପ୍ରଲୋଭନୀୟ ବସ୍ତୁ ଠାରୁ ମୁହଁ ଫେରାଇ ବାସ୍ତବବାଦୀ ଦୁନିଆର ଜୀବନ ଚିତ୍ର ସେମାନଙ୍କୁ ପିଲାଦିନରୁ ହିଁ ଶିଖାନ୍ତୁ । ଦେଖିବେ ଶିଶୁଟି ବାସ୍ତବରେ ସୃଜନଶୀଳ ଲାଭ କରି ନିଜ ଜୀବନକୁ ଦିବ୍ୟମୟ କରିବା ପାଇଁ ପ୍ରେରଣା ପାଇପାରିବ । ଏହାଦ୍ୱାରା ଏକ ଦିବ୍ୟ ଓ ଶୋଭନୀୟ ସମାଜରେ ପିଲାଟି ନିଜେ ପ୍ରତିଷ୍ଠାଲାଭ କରି ଏକ ଔଜଳ ରାଷ୍ଟ୍ରର ଯଥାର୍ଥ ନାଗରିକ ଭାବରେ ନିଜ ଦାୟିତ୍ୱ ନିର୍ବାହ କରିପାରିବ ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

# ଦୂରେଇ ଯିବାନି ନିଜ ମୂଳରୁ



ଭାସ୍କର ବାରିକ୍

'ଇଂରାଜୀ ନୂଆ ବର୍ଷ ଓ ଆମେ' ଶୀର୍ଷକ ଥାଇ ଏ ଅଧମର ଗୋଟିଏ ଛୋଟିଆ ଲେଖା ଏହି ଖବରକାଗଜରେ ପ୍ରକାଶିତ ହୋଇଥିଲା । ଲେଖାଟି ଜଣେ ବନ୍ଧୁ ପଢିଥିଲେ ବୋଧେ । ଅଚ୍ାନକ ଥରେ ବଜାରରେ ଏକ ଚ଼ାହା ଦୋକାନରେ ଦେଖା ହୋଇଗଲା ବନ୍ଧୁଙ୍କ ସହିତ । ମୋତେ ପଚ଼ାରିଲେ ସମଗ୍ର ବିଶ୍ୱ ଯେତେବେଳେ ଇଂରାଜୀ ନୂଆ ବର୍ଷକୁ ଧୁମଧାମରେ ପାଳନ କରୁଛି, ତମ ଲେଖାରେ ତା'ର କିଛିଟା ବିରୋଧାଭାସ ପ୍ରତିଫଳିତ ହୋଇଛି । ପରିବର୍ତ୍ତନଶୀଳ ଦୁନିଆରେ ତମେ କ'ଣ ପରିବର୍ତ୍ତନ ବିରୋଧରେ । ସେହି ପୁରୁଣା କାଳିଆ ଚ଼ିନ୍ତାଧାରା ଭିତରେ ରହି ସବୁବେଳେ ଶଗଡ଼ ଗୁଳାରେ ଚ଼ାଲିବାକୁ ଚ଼ାହୁଁଛ । ମୁଁ ବନ୍ଧୁ ଜଣଙ୍କୁ ଉତ୍ତରରେ କହିଲି , ଇଂରାଜୀ ନୂଆ ବର୍ଷ ପାଳନକୁ ବିରୋଧ କରିନି ବରଂ ଇଂରାଜୀ ନୂଆ ବର୍ଷ ଭଳି ନିଜର ନିଜସ୍ୱ ନୂଆ ବର୍ଷକୁ ପାଳନ କରିବା ଉପରେ ଜୋର ଦେଇଛି । ମୋ ନିଜ ଘରର ପେଜପାଣି ମୋ ପାଇଁ ଜଗନ୍ନାଥଙ୍କ ଅଭଡ଼ା ହାଟର ଟଙ୍କ ତୋରାଣି । ମୋ ସଭ୍ୟତା,ସଂସ୍କୃତି, ନୂଆ ବର୍ଷ,ପର୍ବ ପର୍ବାଣୀ ମୋ ପାଇଁ ବଡ଼ । ବିଦେଶୀ ସଭ୍ୟତାରେ ଯାହା ଭଲ ତାହା ଗ୍ରହଣୀୟ । କିନ୍ତୁ ଅନ୍ଧ ଭାବରେ ହନୁକରଣ କରିବାକୁ ମୁଁ ବିରୋଧ କରିଛି । ମୁଁ ଯଦି ମୋ ନିଜ ମାଆକୁ ଭଲପାଇବା ଜାଣିନାହିଁ , ତାହେଲେ ଦୁନିଆରେ କାହାରିକୁ ଭଲ ପାଇ ପାରିବି ନାହିଁ । ଖୁବ୍ ଉଚ୍ଚ଼ ଶିକ୍ଷିତ ଓ ଉଚ୍ଚ଼ ପଦବୀରେ ଥିବା ବନ୍ଧୁ ମୋର କେତେ ପରିମାଣରେ ମୋ କଥାରେ ଏକମତ ହେଲେ ସେକଥା ମୁଁ କହି ପାରିବିନି । ଚ଼ାହା ପିଉ ପିଉ ସାମାନ୍ୟ ହସି କେବଳ ମୁଣ୍ଡ ହଲେଇଲେ । ତାପରେ କିଛି ପାରିବାରିକ ଆଲୋଚ଼ନା। କିଛି ସମୟ ପରେ ବନ୍ଧୁ ଜୟ ଜଗନ୍ନାଥ କହି ହାତ ମିଳେଇ ବିଦାୟ ନେଲେ । ମନେ ମନେ ହସିଲି । ଆମେ ଜୟ ଜଗନ୍ନାଥ,ଜୟ ଶ୍ରୀରାମ , କହୁଛୁ, ହାତଯୋଡି ନମସ୍କାର କରିବା ସହିତ ହାତ ମିଳେଇବା ବି ଶିଖିଛୁ । ପବିତ୍ର ଗଙ୍ଗା, ଯମୁନା ଓ ସରସ୍ୱତୀର ମିଳନ ସ୍ଥଳି ପରା ଆମ ଦେଶ । ଭୁଲ୍ ଠିକ୍, ପାପ ପୂଣ୍ୟ , ନ୍ୟାୟ ଅନ୍ୟାୟକୁ ଭଲଭାବରେ ବୁଝିଛୁ । ଏଠି ପାପକୁ ଘୃଣା କରାଯାଏ, ପାପିକୁ ବି ଛାଡ଼ି ଦିଆଯାଏ ନାହିଁ । ଗୋଟେ ଗାଲକୁ ଜଣେ ମାରିଲେ ଆଉ ଗୋଟେ ଗାଲ ଦେଖେଇ ଦେବା ପରିବର୍ତ୍ତ ? ଆମ ଦେଶ ଇଟାର ଯବାବ ପଥରରେ ଦେବା ଶିଖି ଯାଇଛି ।ନିଜକୁ ଶଶକ୍ତ କରି ଗଢି ପାରିଛି। କିନ୍ତୁ କେତେକ କ୍ଷେତ୍ରରେ ପରିବର୍ତ୍ତନ ସୁଅରେ ଆମେ ଟିକେ ଅଧିକ ସ୍ୱାର୍ଥପର ଓ ସୁବିଧାବାଦୀ ହୋଇ ଯାଇଛୁ। ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଅନେକ ପରିମାଣରେ ଆମେ ପ୍ରଭାବିତ । ଯିଏ ନିଜକୁ ଏହି ପରିବର୍ତ୍ତନ ଧାରାରେ ସାମିଲ୍ କରି ପାରୁନି ,ସେ ବିଚ଼ରା ଭଲ ପାଠ ପଢୁନଥିବା ପିଲା ପରି ସମାଜର ପଛ ଧାଡ଼ିରେ ରହି ଯାଉଛି । ହିଂସା , ଅନ୍ୟାୟ , ଅବିଚ଼ାର ବଢ଼ି ବଢ଼ି ଚ଼ାଲିଛି । ବ୍ୟଭିଚ଼ାର ଓ ହିଂସାକାଣ୍ଡ ଆଣି ଗ୍ରହଣୀୟ ନୁହେଁ ସଭ୍ୟ ସମାଜରେ । ରାତି କଥା ଛାଡ଼ନ୍ତୁ, ଦିନ ଦ୍ୱିପହରରେ ଚ଼ାଲୁଛି ନାରୀ ଦୁଷ୍କର୍ମ, ହତ୍ୟା ଭଳି ନୃଶଂସ କାଣ୍ଡ । ଏହା ବିରୋଧରେ ସ୍ୱର ଉଠେଇବା କ'ଣ ପାପ ? ପାପି, ଅହଂଙ୍କାରୀ, ଅପରାଧୀ ବିରୋଧରେ ପାଟି ଖୋଲିବା କ'ଣ ଅପରାଧ । ଆମେ ଏତେ ମୋହାଛନ୍ନ କାହିଁକି ? ଅର୍ଥ, ସମ୍ପତ୍ତି, କ୍ଷମତା ପାଇଁ ଏତେ ପାଗଳ କାହିଁକି ? ଏମିତି ଦିନେ ମୋହ ମାୟାର ବନ୍ଧନରେ ଛନ୍ଦି ହୋଇ ଯାଇଥିଲେ ବୀର ଅର୍ଜୁନ । କିନ୍ତୁ ଶ୍ରୀକୃଷ୍ଣଙ୍କର ଶବ୍ଦ ବାଣରେ ଭାଙ୍ଗି ଯାଇଛି ତାଙ୍କର ମୋହ । ଆଉ ଟିକେ ଭଲସେ କହିଲେ, ପାଣ୍ଡବ ପାଂଚ଼ ଭାଇଙ୍କ ପାଇଁ ବୀର ଅର୍ଜୁନଙ୍କ ସଖା ପ୍ରଭୁ ଶ୍ରୀକୃଷ୍ଣ ନିଜେ ମାତ୍ର ପାଂଚ଼ ଖଣ୍ଡ ଗ୍ରାମ ମାଗିଥିଲେ ଅହଂଙ୍କାରୀ ଦୁର୍ଯ୍ୟୋଧନକୁ । ଉତ୍ତର ମିଳିଥିଲା ବିନା ଯୁଦ୍ଧରେ ଛୁଂଚ଼ି ଅଗ୍ରରେ ଟିକିଏ ବି ଭୂମି ନଦେବାର ବାକ୍ୟ । ତାପରେ ଫଳ କୁରୁବଂଶ ନିପାତର କାହାଣୀ । ଅହମିକାର ନିପାତ । ଯୁଦ୍ଧର ଆରମ୍ଭ, କିନ୍ତୁ ଧନୁର୍ଦ୍ଧର ବୀର ଅର୍ଜୁନ ଗାଣ୍ଡିବ ଧରି ରଥ ଉପରେ ମ୍ରିୟମାଣ । ଅବଶ ଅନୁଭବ କରୁଛନ୍ତି । କେଇ ହାତ ଜାଗା ପାଇଁ,ରାଜ ମୁକୁଟ ପାଇଁ ମୁଁ କ'ଣ ନିଜର ସହୋଦର ବନ୍ଧୁ ବାନ୍ଧବ ଶିକ୍ଷା ପାଇଥିବା ଗୁରୁ ମାନଙ୍କ ଉପରକୁ ତୀର ଚ଼ଳେଇ ପାରିବି । ବୁଝି ପାରିଛନ୍ତି ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ଅର୍ଜୁନଙ୍କର ଅନ୍ତରର ବେଦନାକୁ । ଶୁଣେଇଛନ୍ତି କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ ଧର୍ମ ,କର୍ମ ଓ କର୍ତ୍ତବ୍ୟ ବିଷୟରେ । ସୃଷ୍ଟି ହୋଇଛି ପୃଥିବୀର ମହାନତମ ଶ୍ରେଷ୍ଠ ଗ୍ରନ୍ଥ ପବିତ୍ର ଗୀତା ଯେଉଁଥିରେ ଜୀବନର ସବୁ ସମସ୍ୟାର ସମାଧାନର ସରଳ ସୂତ୍ର ନିହିତ । ବିଧର୍ମୀ, ଅତ୍ୟାଚ଼ାରୀ,କୁକର୍ମୀ ମାନଙ୍କୁ ନିପାତ କରିବା ପାପ ନୁହେଁ, ବରଂ ମହାପୂଣ୍ୟ । ମୋହନ ବଂଶୀଧର ଶ୍ରୀକୃଷ୍ଣଙ୍କ ବାକ୍ୟରେ ଭାଙ୍ଗିଛି ଅର୍ଜୁନଙ୍କର ମୋହ । ପାପି ମାନଙ୍କର ବିନାଶରେ ସାଜିଛନ୍ତି ମାଦ୍ଧମ ମାତ୍ର । ପ୍ରକୃତରେ ଯାହା କରିବା କଥା କରିଛନ୍ତି ସଖା ଶ୍ରୀକୃଷ୍ଣ ପରଦା ପଛରେ । ଭାଗବତ ପରା କୁହନ୍ତି,' କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ,' । ଈଶ୍ୱର ଯାହା ଇଛା କରିବେ, ଯାହା ଚ଼ାହିଁବେ ସେଇଆ ହେବ । ମଣିଷ ଜନ୍ମ ଦେଇ ଆମକୁ ପ୍ରଭୁ ପଠେଇଛନ୍ତି ଧରା ଧାମକୁ । ତା ଅର୍ଥ କ'ଣ ଆମେ ଆମର ସମସ୍ତ ସୁଗଣକୁ ଭୁଲିଯାଇ, ଈଶ୍ୱରଙ୍କୁ ଭୁଲିଯାଇ ଅବିବେକି ହୋଇ ମନର କଥାରେ ଯାହା ଚ଼ାହିଁବା ସେଇଆ କରିବା । ସେଇଟା କେମିତି ହେବ ? ମୋ ଇଛାରେ ନିଜର କ୍ରୋଧ ଅହମିକାରେ ବଶବର୍ତ୍ତୀ ହୋଇ ଜଣେ ନିରୀହ ମଣିଷକୁ ହତ୍ୟା କରିବି,ଝିଅ ବୋହୁଙ୍କ ଇଜ୍ଜତ ସହିତ ଖେଳିବି, ସେଇଟାତ ପାପ । ଏମିତି କୁକର୍ମ ଜଘନ୍ୟ ଅପରାଧ ଘଟେଇ କହିବି, ଏଇଟା ଈଶ୍ୱରଙ୍କ ଇଛା, କେମିତି ହେବ ? ଏହାର ଫଳ ତ ଭୋଗିବାକୁ ହେବ କାହାରି ମାଦ୍ଧମରେ ଅବା ଈଶ୍ୱରଙ୍କ ନିର୍ଦ୍ଦେଶରେ । ସମାଜର ମଙ୍ଗଳ ପାଇଁ, ଶାନ୍ତି ପାଇଁ, ଅରାଜକତା ସୃଷ୍ଟି କରୁଥିବା ମଣିଷ ମାନଙ୍କୁ ଶିକ୍ଷ୍ୟା ଦେବାକୁ ହେବ ଆବଶ୍ୟକ ଠଙ୍ଗରେ ।ପାପକୁ ବିରୋଧ କର,ପାପୀକୁ ନୁହେଁ । କି କଥା ? ଜଣେ ଜଣକୁ ଜୀବନରୁ ମାରିଦେଲା। ସେହିଟା ପାପ । ସେହି ପାପକୁ ଆମେ ବିରୋଧ କରିବା ଠିକ୍। କିନ୍ତୁ ଯେ ଏମିତି ନାରକୀୟ କାଣ୍ଡର କାରଣ ସାଜିଲା, ତାକୁ କେମିତି ଛାଡି ଦିଆଯିବ । ଅନ୍ୟାୟ, ଅନିତୀ, ଦୁର୍ନୀତି,ପାପ, ବ୍ୟଭିଚ଼ାର ପ୍ରସଙ୍ଗରେ ସାଲିସ୍ କରିବା ଆଦୋ ? ଯଥାର୍ଥ ନୁହେଁ । ଦେଶର ସୀମାରେଖା ଜଗୁଥିବା ଜଣେ ସୈନିକ ଯେତେ ଶତ୍ରୁ ରାଷ୍ଟ୍ରର ସୈନିକ ଙ୍କୁ ମାରିଲେ ବି ସେଇଟା ପାପ ନୁହେଁ , ସେଇଟା ପୂଣ୍ୟ ।ସେଇଟା ତା'ର କର୍ତ୍ତବ୍ୟ । ସେଥିପାଇଁ ସେ ହୁଏ ସମ୍ମାନିତ ଓ ପୁରୁସ୍କୃତ । କିନ୍ତୁ ସେହି ସୈନିକ ଜଣକ ଯଦି ଘରକୁ ଆସିଥିଲା ବେଳେ କୌଣସି କାରଣରୁ କୌଣସି ଲୋକକୁ ରାଗରଖି ମାରିଦିଏ, ସେଇଟା ପାପ । ସୀମାରେ ଶତ୍ରୁ ପକ୍ଷର ଶହ ଶହ ବିଦେଶୀ ସୈନିକ ଙ୍କୁ ମାରିଲେ ପୁରସ୍କାର, କିନ୍ତୁ କର୍ତ୍ତବ୍ୟ ବାହାରେ ଜଣକୁ ମାରିଲେ ମହାପାପ । ତେଣୁ ପାପ ,ପୂଣ୍ୟ , କର୍ତ୍ତବ୍ୟ ଭିତରେ ଥିବା ମଞ୍ଜିକୁ ଆମକୁ ଭଲ ଭାବରେ ବୁଝିବାକୁ ହେବ। ସମ୍ବିଧାନ ପ୍ରଦତ୍ତ ଆମର ଅଧିକାର ଆମେ ଉପଭୋଗ କରିବା ସହିତ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ କୁ ପାଳନ କରିବା ଦରକାର । ଶୋଷଣ, ଅତ୍ୟାଚ଼ାର କରି କାହା ଆଖିରୁ ଲୁହଧାର ଗଡଉଥିବା ଅମଣିଷ ମାନଙ୍କୁ ଏକଜୁଟ ହୋଇ ବିରୋଧ କରିବା ଆବଶ୍ୟକ । ଥିଲା ବାଲା ନଥିଲା ବାଲା ଭିତରେ ଥିବା ତାରତମ୍ୟକୁ ଧିରେ ଧିରେ କମେଇବାକୁ ହେବ । କିଛି ଲୋକଙ୍କ ତୁଷ୍ଟିକରଣପାଇଁ ହୀନ ପ୍ରୟାସ କରୁଥିବା ଗୋଷ୍ଠୀଙ୍କୁ ଚ଼ିହ୍ନଟ କରି ଅସଲ ବେଳ ଦେଖି ଉଚ଼ିତ ଶିକ୍ଷା ଦେବାକୁ ହେବ । ହଜାର ହଜାର ବର୍ଷର ସଭ୍ୟତାକୁ ଶେଷ କରିବାକୁ ମାଇକ୍ ଧରି ଖୁଲମଖୁଲା ଧମକ ଦେଉଥିବା ଲୋକମାନଙ୍କୁ ସେମାନଙ୍କ ଅସଲି ଚେହେରା ଦେଖେଇ ଦେବାକୁ ପଡ଼ିବ । ମୁହଁରେ ନକଲି ହସର ପାଉଡର ମାଖି ଚ଼ିତା ଚୈତନ୍ୟ କାଟି ଅଣ୍ଟାରେ ଧାରୁଆ ଛୁରୀ ଧରି ରକ୍ତ ଚ଼ାଖିବା ପାଇଁ ସୁଯୋଗ ଅପେକ୍ଷାରେ ଥିବା ଶାଗୁଣା ମାନଙ୍କୁ ଖୋଜି ଖୋଜି ଚ଼ିହ୍ନଟ କରି ଉତ୍ତମ ଅସ୍ତ୍ର ?ପଚ଼ାରର ବନ୍ଦୋବସ୍ତ ବି ଜରୁରୀ ଏ ମହାନ ସଭ୍ୟତାର ପ୍ରଗତି ପାଇଁ । ଚ଼କଚ଼କ ଦେଖାଯାଉଥିବା ବେଙ୍ଗି ପିତଳ ଆଉ ମିଛ ସୁନା ହରିଣୀ ପଛରେ ଧାଇଁ ଧାଇଁ ହାଲିଆ ହେବାର କିଛି ମାନେ ନାହିଁ । କୌଣସି ପରିସ୍ଥିତିରେ ବି ନିଜର ମୂଳ ଠାରୁ ଆମେ ଦୂରେଇ ଯିବାନି ବରଂ ମୂଳକୁ ଆହୁରି ମଜଭୂତ କରିବା ପାଇଁ ସବୁପ୍ରକାର ଚେଷ୍ଟା କରିବା ଓ ଆମର ଜାଜୁଲ୍ୟମାନ ସଭ୍ୟତାର ବିକାଶ ପାଇଁ ଦରକାର ହେଲେ ନିଜର ଜୀବନକୁ ବାଜି ଲଗାଇବାକୁ ପଛେଇ ଯିବାନି । ସୁସ୍ଥ ସମାଜ ଗଠନ ପାଇଁ , ସୌଭାଗ୍ୟବାନ ଦେଶର ନାଗରିକ ଭାବରେ ଲେଖିବା ନୂଆ ଇତିହାସ ଯେଉଁ ଇତିହାସର ପ୍ରତିଟି ପୃଷ୍ଠାରେ ଥିବ ଆମ ସୁନ୍ଦର ସଭ୍ୟତାର ଗୌରବର ଗାଥା ସହ ସମଗ୍ର ବିଶ୍ୱର ଭବିଷ୍ୟତ ପିଢ଼ି ପାଇଁ ରହିଥିବ ଅଶରନ୍ତି ଶୁଭେଚ୍ଛା ଓ ଶାନ୍ତିର ବାର୍ତ୍ତା ।

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

## ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରେନ୍‌ରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧ୍ୟାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରେନ୍‌ରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଳାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବସ୍ଥ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'।ଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m. x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Tuesday June 18, 2024 ଭୁବନେଶ୍ୱର ମଙ୍ଗଳବାର, ଜୁନ ୧୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବିଶ୍ୱର ୨୫ହଜାର ସ୍ଥାନରେ ପାଳିତ ହେଲା : ୧୧ତମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ

ଭୁବନେଶ୍ୱର, (ପି.ଏନ): ଜୁନ୍ ୧୭ ତାରିଖରେ ଭାରତ ସମେତ ବିଶ୍ୱର ୨୫ହଜାର ସ୍ଥାନରେ ୧୧ଶ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ୩୦ଟି ଜିଲ୍ଲା ସଦର ମହକୁମା ସମେତ ୩୫ଟି ସହର ତଥା ପ୍ରତ୍ୟେକ ବ୍ଲକ୍ ଏବଂ ୬୫୦୦ ପଞ୍ଚାୟତରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ଆର୍ଟ ଅଫ୍ ଗିଭିଂର ଚଳିତବର୍ଷର ବିଷୟବସ୍ତୁ ଥିଲା 'ଲେଟ୍ସ ଏଓଜି' ।ଆର୍ଟ ଅଫ୍ ଗିଭିଂ (ଦେବାର କଳା) ହେଉଛି ନିରାଧାର ଅଭ୍ୟାସ ଯେଉଁଥିରେ ନିସ୍ୱାର୍ଥପରତା, କୃତଜ୍ଞତା, ପ୍ରଶଂସା, ଦୟା, ସମବେଦନା, ଖୁସି, ବନ୍ଧୁତ୍ୱ ଓ ବିନମ୍ରତା ଭାବ ଭରି ରହିଥାଏ। ଅନ୍ୟମାନଙ୍କ ସହ ଆଦାନ ପ୍ରଦାନରେ ଜଣେ ଜୀବନର ସବଠୁ ବଡ଼ ଆନନ୍ଦ ଲାଭ କରିଥାଏ। ଏବେ ସମଗ୍ର ବିଶ୍ୱରେ ଆର୍ଟ ଅଫ୍ ଗିଭିଂର ୨ କୋଟିରୁ ଉର୍ଦ୍ଧ୍ୱ ଅନୁଗାମୀ ଓ ୧ କୋଟି ସଦସ୍ୟ ଏହାର ବାର୍ତ୍ତା ବର୍ଷ ତମାମ ପ୍ରଚାର ଓ ପ୍ରସାର କରୁଛନ୍ତି। ବିଶ୍ୱର ୨୦୦ଟି ଦେଶରେ ଏହାର ସଂଯୋଜକ ରହିଥିବା ବେଳେ ଭାରତର ସମସ୍ତ ରାଜ୍ୟ ଓ ଓଡ଼ିଶାର ସମସ୍ତ ବ୍ଲକ୍ ଓ ପଞ୍ଚାୟତରେ ସଂଯୋଜକ ଅଛନ୍ତି। ପାଇବାର କୌଣସି ଆଶା ନ ରଖି ଅନ୍ୟକୁ ବିଭିନ୍ନ ଭାବରେ ଦାନ




କରିବାର ଦର୍ଶନ ଉପରେ ଏହା ପର୍ଯ୍ୟବସିତ। ଏଥିପାଇଁ ସମାଜର ବିଭିନ୍ନ ବର୍ଗର କୋଟି କୋଟି ଲୋକ ଏଥିରେ ଅନୁପ୍ରାଣିତ ହୋଇ 'ଆର୍ଟ ଅଫ୍ ଗିଭିଂ' ଅଭିଯାନରେ ସାମିଲ ହୋଇଛନ୍ତି। ଜଣେ ବ୍ୟକ୍ତିର କାର୍ଯ୍ୟ କିପରି ଏକ ସୁନ୍ଦର ବିଶ୍ୱ ସୃଷ୍ଟି ପାଇଁ ପ୍ରଭାବ ପକାଇଥାଏ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି 'ଆର୍ଟ ଅଫ୍ ଗିଭିଂ' ବୋଲି ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ଖୁସିର ପ୍ରସାର, ଯେଉଁଠି ଯେତେବେଳେ ଆବଶ୍ୟକ ସେଇଠି ସେହି ସମୟରେ ଅନ୍ୟକୁ ସହଯୋଗର ହାତ ବଢ଼ାଇବା ଏବଂ ସମସ୍ତଙ୍କ ସହ ବନ୍ଧୁତା ସ୍ଥାପନ କରିବା ତଥା ସମସ୍ତଙ୍କୁ ଆଦର କରିବା ହେଉଛି ଆର୍ଟ ଅଫ୍ ଗିଭିଂର ଉଦ୍ଦେଶ୍ୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କର ଏହି ସ୍ୱତନ୍ତ୍ର ଓ ଅଭିନବ ପ୍ରୟାସ ୨୦୧୩ ମସିହା ମେ ୧୭ ତାରିଖଠାରୁ ଆରମ୍ଭ କରାଯାଇଥିଲା। ସେହିବର୍ଷଠାରୁ ପ୍ରତିବର୍ଷ ମେ ୧୭ ତାରିଖରେ ବିଶ୍ୱର ବିଭିନ୍ନ ସ୍ଥାନରେ ଏହି ଦିବସ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ଭାବେ ପାଳିତ ହୋଇଆସୁଛି। ଚଳିତବର୍ଷ ନିର୍ବାଚନ ହେତୁ ଏହା ଜୁନ୍ ୧୭ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ମାତ୍ର ୫ ବର୍ଷ ବୟସରେ ପିତାଙ୍କୁ ହରାଇ ନିଜେ ଅଭାବ ମଧ୍ୟରେ ଥାଇ ଶ୍ରୀ ସାମନ୍ତ ପିଲାଦିନରୁ ଅନ୍ୟକୁ ଭଲ ପାଇବାର ପ୍ରୟାସ କରିଆସୁଥିଲେ। ବାଲ୍ୟଜୀବନରୁ ଛୋଟ ଛୋଟ କାମ କରି ସେ ପାଉଥିବା ସାମାନ୍ୟ ଅର୍ଥରେ ଗାଁର ଅନ୍ୟ ଗରିବ ଓ ଅସହାୟଙ୍କୁ ସାହାଯ୍ୟ କରିବାକୁ ଭୁଲୁ ନ ଥିଲେ। ଏହାର ପ୍ରତିଫଳନ ସ୍ୱରୂପ ଜନ୍ମ ନେଇଥିଲା ଆର୍ଟ ଅଫ୍ ଗିଭିଂ।

## ଓଡ଼ିଶାର ନବନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ ଅଭିଜିତ୍

ଯାଜପୁର(ପି.ଏନ): ମାନବାଧିକାର କର୍ମୀ ଓ ସମାଜସେବୀ ଦଳିତ, ନିଷ୍ପେସିତ ଓ ସମାଜରେ ଅନଗ୍ରସର ଲୋକଙ୍କ ପାଇଁ ସବୁବେଳେ କାମ କରିଆସୁଛନ୍ତି ଅଭିଜିତ୍ ଦିକ୍ଷିତ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ଜଣେ ସରଳ ନିଷ୍କପଟ ନେତାଙ୍କୁ ମୁଖ୍ୟମନ୍ତ୍ରୀଭାବେ ଦାୟିତ୍ୱ ଦେଇଥିବାରୁ ବିଜେପି ସରକାରଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ସମାଜରେ ରହୁଥିବା ଅନଗ୍ରସର ଲୋକଙ୍କ ପାଇଁ କାର୍ଯ୍ୟକରିବେ ବୋଲି ଆଶାପୋଷଣ କରିଛନ୍ତି। ରାଜ୍ୟରେ ଅବହେଳିତ ନିଷ୍ପେସିତ ହେଉଥିବା ଲୋକଙ୍କ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ର ମାଝି କାର୍ଯ୍ୟକରିବେ ବୋଲି ଆଶା କରୁଛନ୍ତି।

## ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ତିନୋଟି ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,(ପି.ଏନ): ଆଜିର ଦ୍ରୁତଗତିଶୀଳ ପୃଥିବୀରେ ପ୍ରତ୍ୟେକ ବ୍ୟକ୍ତି ଏକ ବ୍ୟସ୍ତବହୁଳ ଜୀବନ ଅତିବାହିତ କରୁଛନତି ଯାହାକି ସେମାନଙ୍କର ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇପାରେ। ଅବିରତ ବିଷାଦଗ୍ରସ୍ତ ଅବିଶ୍ରାନ୍ତ ଡ଼ିଜିଟାଲ ସଂଯୋଗୀକରଣ ତଥା ଅସ'ୁଳିତ କାର୍ଯ୍ୟ, ଜୀବନଶୈଳୀ ଉପରେ ଅଧିକ ପ୍ରଭାବ ପକାଇଥାଏ । ଯାହାକି ସ୍ଥାୟୀ ଉ?ଜନା, ଉଦ୍‌ବେଗ ତଥା ନିଜର ଯତ୍ନ ପାଇଁ ସମୟର ଅଭାବ ଭଳି ଫଳ ଦେଖିବାକୁ ମିଳିଥାଏ। ଅବସାଦ ପରିଚ୍ଛଳନାର ମୌଳିକ ଆବଶ୍ୟକ ଗୁଡ଼ିକୁ ଚିହ୍ନଟ କରିବା, ନିୟମିତ ବ୍ୟାୟାମ ତଥା ସ'ୁଳିତ ଆହାରର ଧାରାକୁ ଆପଣାଇବା ଇତ୍ୟାଦି ଏକ ସୁସ୍ଥ ହୃଦୟ ପରିଚ୍ଛଳନାରେ ସହାୟ ହୋଇଥାଏ। ଏଠାରେ ସ୍ୱାସ୍ଥ୍ୟ ପରାମର୍ଶଦାତା, ଶୀଲା କ୍ରିଷ୍ଣସ୍ୱାମୀ ତିନୋଟି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀକୁ ସୁସ୍ଥ ହୃଦୟ ପାଇଁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରିବା ପାଇଁ ପରାମର୍ଶ ଦେଇଛନ୍ତି। ନିୟମିତ ଖାଦ୍ୟ ଅଭ୍ୟାସ ଯୋଜନାରେ ଆଲମଣ୍ଡକୁ ହିଁ ପ୍ରଥମ ପ୍ରାଥମିକତା ଦିଆଯାଇଥାଏ । ଆଲମଣ୍ଡ ଏକ ଉପାଦେୟ ପୁଷ୍ଟିକର ଏବଂ ବିବିଧତାରେ ଭରପୁର ଉପାଦାନ ଅଟେ, ଯେଉଁଥିରେ ଭରିରହିଛି ପୁଷ୍ଟିସାର, ତନ୍ତୁ, ଭିଟାମିନ ଇ ତଥା ମ୍ୟାଗନେସିୟମଭଳି ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତାର ବିଶେଷ ଗୁଣ । ଏହା ଅନେକ ଗୁଡ଼ିଏ ସ୍ୱାସ୍ଥ୍ୟ ଅନୁକୂଳତମ ସୁବିଧା ପ୍ରଦାନ କରିଥାଏ ଏବଂ ହୃଦ୍‌ରୋଗର ବିପଦକୁ ଅନେକ ମାତ୍ରାରେ ହ୍ରାସକରିବା ସହିତ ଚର୍ବିର ସ୍ତର କମ୍ କରିଥାଏ। ଦ୍ୱିତୀୟ ଖାଦ୍ୟ ହେଉଛି ଓଟସ, ଯେଉଁଥିରେ ଭରିରହିଛି ଦ୍ରବଣୀୟ ତନ୍ତୁ, ଯାହାକି 'କୁତ୍ସ' ଏଲଡ଼ିଏଲ ଚର୍ବିକୁ ହ୍ରାସକରିଥାଏ, ରକ୍ତକଣିକାର ଚର୍ବି ମିଶ୍ରଣକୁ ହ୍ରାସକରିଥାଏ। ସୁତରାଂ ଏକ ସୁସ୍ଥ ହୃତ୍‌ପିଣ୍ଡ ପାଇଁ ପ୍ରତ୍ୟେକ ଦିନ ଓଟସ ଗ୍ରହଣ ନିତ୍ୟା' ଆବଶ୍ୟକ। ତୃତିୟଟି ହେଉଛି ରସୁଣ ଯେଉଁଥିରେ ରହିଥିବା ଆଲ୍ଲିସିନ ???୍ଵ ରକ୍ତଚାପ ତଥା ଚର୍ବିଜାତୀୟ ସ୍ତରକୁ କମ୍ କରିବାରେ ସାହାଯ୍ୟ କରିବା ସହିତ ଉ??ମ ହୃଦୟ ସ୍ୱାସ୍ଥ୍ୟ ଗଠନ କରିବାରେ ସହାୟକ ହୋଇଥାଏ। ଅନେକ ଗୁଡ଼ିଏ ଅଧ୍ୟୟନ ସୂଚିତ କରିଥାଏଯେ ରସୁଣ ସେବନ ଶରୀରରେ ହୃଦଜନିତ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିଥାଏ।

## ବିଦ୍ୟୁତ ଶ୍ରମିକମାନଙ୍କର ଭବିଷ୍ୟନିଧି ୧୯୦୦ କୋଟି ଟଙ୍କା ଭବିଷ୍ୟନିଧି ଟ୍ରଷ୍ଟରେ ଜମା ନଥିଲେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ହେବ

ଭୁବନେଶ୍ୱର,(ପି.ଏନ) : ସେସ୍‌କୋର ଦେୟ ୧୯୦୦ କୋଟି ଟଙ୍କାର ଭବିଷ୍ୟନିଧି ଫଣ୍ଡ ଟ୍ରଷ୍ଟରେ ଜମାକାରିନଥିବାରୁ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ କର୍ମଚାରୀଙ୍କ ଭବିଷ୍ୟନିଧିରେ ପେନସନ୍ ପାଇବାରେ ଅସୁବିଧା ହେବ। ଏବଂ ଏହି ସେସ୍‌କୋ କର୍ମଚାରୀ ସଂପ୍ରତି ଟାଟାରେ କାମ କରୁଛଁ । ସେସ୍‌କୋକୁ ଟାଟା କମ୍ପାନୀ ଟେକ୍‌ଓଭର କଲାପରେ ମଧ ସେସ୍‌କୋ କମ୍ପାନୀ ସାରା ଦେଶରେ ଦେୟ ୧୯୦୦ କୋଟି ଜମା କରିଥିବାରୁ କର୍ମଚାରୀମାନେ ବାର୍ଷିକ ୮.୨୫ ପ୍ରତିଶତ ସୁଧ ପାଇବାରୁ ବଂଚିତ ହେଉଛନ୍ତି ଏବଂ ୧୯୦୦ କୋଟିର ୮.୨୫ ପ୍ରତିଶତ ସୁଧ ଦାଖଲ କରିନଥିବାରୁ ଭବିଷ୍ୟନିଧି ଟ୍ରଷ୍ଟ ରାଜ୍ୟ ସରକାରଙ୍କ ଉପରେ ୫୦୦ କୋଟି ଟଙ୍କା ଜୋରିମାନ କରୁଥିବାରୁ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ଜୋରିମାନ ନ ଦେଇ ହାଇକୋର୍ଟରେ କେସ୍ କରି ଜୋରିମାନ ଆଦେଶକୁ ସ୍ଥଗିତ କରିଛନ୍ତି ।ଟାଟା କମ୍ପାନୀ କର୍ମଚାରୀମାନଙ୍କର ଅଲଗା ପ୍ରୋଭିଡେଂଟ ଫଣ୍ଡ କରିବା ପାଇଁ ଉଦ୍ୟମ କରୁଥିବା ଜଣାଯାଇଛି। ଏହା ଆଇନତଃ ସମ୍ଭବ ନୁହେଁ ଓ ଶ୍ରମିକ ମାନଙ୍କର ୨୪ ବର୍ଷର ସଂଚିତ ଅର୍ଥ ସଂପର୍କରେ ନିଷ୍ପତି ନ ନେଲେ ସେମାନେ ପେନସନ ପାଇବେ ନାହିଁ। ମୁଖ୍ୟମନ୍ତ୍ରୀ ଓ ଶକ୍ତିମନ୍ତ୍ରୀ ତୁର' ହସ୍ତକ୍ଷେପ କରି ଏହି ସମସ୍ୟାର ସମାଧାନ କରିବା ପାଇଁ ଆଜି ରାଷ୍ଟ୍ରୀୟ ମଜଦୁର କଂଗେସ କାର୍ଯ୍ୟାଳୟରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବୈଠକରେ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ହୋଇ ଦାବୀ କରାଯାଇଛି। ସେହିପରି ମାନ୍ୟବର ସୁପ୍ରୀମ୍‌କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଅଧିକ ପେନସନ ପାଇବା ପାଇଁ ନାଲ୍‌କୋ, ଏନ୍‌ଟିପିସି, ପାରାଦ୍ୱୀପ ଫସପେଟ୍‌ର ଶ୍ରମିକ ମାନେ ତାଙ୍କର ଅଧିକ ଦେୟ ଦେଇ ଅଧିକ ପେନସନ୍ ପାଇବା ପାଇଁ ଆବେଦନ କରିଥିଲେ ହେଁ ଓଡ଼ିଶାରେ ଏଥିରେ କାହାକୁ ଅଧିକ ହାରରେ ପେନସନ୍ ମିଳିଲାନାହିଁ ଏବଂ ଅନ୍ୟ ଏକ ପ୍ରସ୍ତାବର ଶ୍ରମକ ଭବିଷ୍ୟନିଧି ସ୍କିମିରେ ସର୍ବନିମ୍ନ ପେନସନ ୯୦୦୦ କରିବା ପାଇଁ ଦାବୀ କରାଯାଇଛି। ଅନ୍ୟପକ୍ଷରେ ଓଏସ୍‌ଇବି, ସେସ୍‌କୋ, ନେସ୍‌କୋ, ସାଉଥ୍‌କୋ ସମସ୍ତ କର୍ମଚାରୀ ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ନିରାପତାକୁ ଅବହେଳା ହେତୁ ବହୁ ସ୍ଥାୟୀ ଓ ଠିକା ଶ୍ରମିକ ଦୁର୍ଘଟଣାର ଶିକାର ହୋଇ ମରୁଛନ୍ତି। ଏଣୁ ୨୦୦୦ ମସିହାରୁ ବିଜୁଳି ଆଘାତରେ କେତେ କର୍ମଚାରୀ ଆଜିପର୍ଯ୍ୟନ୍ତ ମୃତାହତ ହୋଇଛନ୍ତି ଏବଂ କେତେ ସାଧାରଣ ନାଗରିକ ପରିବଛଁ ତାଙ୍କ ପରିବାରର କଣ ସାହାର୍ଯ୍ୟ ମିଳିଛି ଏବଂ ଏ ଦୁର୍ଘଟଣାକୁ ରୋକିବା ପାଇଁ ରାଜ୍ୟ ସରକାର ଓ ଟାଟା କଣ ପଦକ୍ଷେପ ନେଇଛଁ ଏ ବିଷୟରେ ଏକ ଶ୍ୱେତ ପତ୍ର ପ୍ରକାଶ କରିବା ପାଇଁ ଏହି ବୈଠକରେ ଦାବୀ କରାଯାଇଛି। ଏହି ବୈଠକରେ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ, ପ୍ରାକ୍ତନ ସାଂସଦ ଙ୍କ ପୌରାହିତ୍ୟ କରିବାବେଳେ ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି-ମଦନ ମୋହନ ଧଳ, ଶ୍ୟାମସୁନ୍ଦର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ- ସତ୍ୟବ୍ରତ ନାୟକ, ଅକ୍ଷୟ ତ୍ରିପାଠୀ, କେ.ସି. ଓଝା, ମହିଳା ଶାଖାର ସଭାନେତ୍ରୀ-ପ୍ରଣତି ମିଶ୍ର, ବିଜୟ ଦ୍ୱିବେଦି, ଏନ୍.ସି. ଦାସ, ସନ୍ତୋଷ କୁମାର ଭୋଳ, ବାସନ୍ତୀ ସାମଲ, ଭୋକାଲି ସେଠୀ ପ୍ରମୁଖ ରାଜ୍ୟ ଆଇଏନ୍.ଟିୟୁସିର ବହୁ କର୍ମକତା ଆଲୋଚନାରେ ଭାଗ ନେଇଥିଲେ।

## ପାରଳାରେ ରଜ ଉତ୍ସବ ପାଳିତ

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ବିଭିନ୍ନ ସ୍ଥାନରେ ରଜ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଛି। ରଜଦୋଳି, ଗୀତ ଓ ନାଚ୍‌ର ଆସର ଆୟୋଜନ ମଧ୍ୟ ହୋଇ ହାଇଛି । ଏହା ସହ ପୋଡ଼ ପିଠା, ଗଜା, କାକରା, ଆରିସା ପିଠା ସହ ମିଠାପାନ ବଣ୍ଟନ ହୋଇଛି। ବିଶେଷ କରି ଯୁବତୀ ରଜର



ମଜା ନେଉଛନ୍ତି। ପାରଳାଖେମୁଣ୍ଡି ସହରର ବୃନ୍ଦାବନ ପ୍ୟାଲେସ୍ ଆଦି ସହ ପୁରପଲ୍ଲୀରେ ଦୋଳି ବାନ୍ଧି ଧୂମଧାମରେ ରଜପର୍ବ ପାଳନ କରାଯାଇଛି।

## ଫଗସି ପକ୍ଷରୁ ମହିଳାଙ୍କ ପାଇଁ ଏକ ବ୍ୟାପକ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଫେଡ଼େରେଶନ ଅଫ ଓବେଷ୍ଟ୍ରିକ୍ ଆଣ୍ଡ ଗାଇନାକୋଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆ (ଫଗସି) ପକ୍ଷରୁ ନିକଟରେ ମହିଳା ମାନଙ୍କ ପାଇଁ ଏକ ବ୍ୟାପକ ଟିକାକରଣ କାର୍ଯ୍ୟସୂଚୀ ଶୁଭାରମ୍ଭ କରାଯାଇଛି, ଯାହା ବୟସ୍କ ମହିଳା ମାନଙ୍କୁ ମିଳିବା ନିତାନ୍ତ ଆବଶ୍ୟକ ଏବଂ ପ୍ରତ୍ୟେକ ଟିକାକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନେବା ପାଇଁ ପରାମର୍ଶ ଦିଆଯାଇଛି । ଫଗସି ଏବଂ ଏମଏସଡ଼ି ଫାର୍ମା ସମଗ୍ର ଭାରତରେ ମହିଳାଙ୍କ ଟିକାକରଣ ବିଷୟରେ ସଚେତନତା ସୃଷ୍ଟିକରିବା ଏବଂ ମହିଳା ମାନଙ୍କ ମଧରେ ସଂକ୍ରମଣ ଜନିତ ରୋଗକୁ ରୋକିବାରେ ସହାୟକ ହୋଇଥାଏ। ଅଭିନେତ୍ରୀ ତଥା ମହିଳା ସ୍ୱାସ୍ଥ୍ୟ ଚମ୍ପିୟାନ୍, କାଜଲ ଅଗ୍ରୱାଲ ନିକଟରେ ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଟିକାକରଣ କାର୍ଯ୍ୟସୂଚୀ ଉନ୍ମୋଚନ କରିଛନ୍ତି । ତାଙ୍କ ସହ ଫଗସିର ସଭାପତି, ଡ଼. ଜୟଦୀପ୍ ଟ୍ୟାଙ୍କ, ଫଗସିର ସାଧାରଣ ସଚିବ, ଡ଼ ମାଧୁରୀ ପଟେଲ, ଫୋଗସିର ତତ୍‌କାଳୀନ ପୂର୍ବତନ ସଭାପତି ତଥା ଫିଗୋ (ଏସିଆ-ଓସେନିଆ)ର ବର୍ତମାନର ଟ୍ରଷ୍ଟି ପ୍ରଫେସର, ଡ଼ ହୃଷିକେଶ ପାଇ, ଫୋଗସିର ପୂର୍ବତନ ସଭାପତି, ଡ଼. ରେଶମା ପାଇ, ଫଗସିର ପୂର୍ବତନ ସଭାପତି ତଥା ଆଇଏସଏଆର (ଇଣ୍ଡିଆନ୍ ସୋସାଇଟି ଅଫ ଆର୍ଟିଫିସିଆଲ ରିପ୍ରଡକ୍ସନ)ର ପୂର୍ବତନ ସଭାପତି, ଡ଼ ନନ୍ଦିତା ପାଲଶେଟକର, ଡ଼. ପ୍ରିୟ ଗଣେଶ କୁମାର, ଫଗସି ଅଙ୍କୋଲୋଜି କମିଟିର ଅଧକ୍ଷ, ଯିଏକି ଫଗସି ପ୍ରକଳ୍ପର ନେତୃତ୍ୱ ନେଇଆସୁଛନ୍ତି ।ଫଗସିର ସଭାବତି, ଡ଼ାକ୍ତର ଜୟଦୀପ୍ ଟ୍ୟାଙ୍କ୍ କହିଛନ୍ତି, 'ମହିଳାଙ୍କ ପାଇଁ ଫଗସିର ଅପଡ଼େଟ ଟିକାକରଣ କାର୍ଯ୍ୟସୂଚୀ ଶୁଭାରମ୍ଭ ମହିଳା ମାନଙ୍କ ପାଇଁ ସ୍ୱାସ୍ଥ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଏହି ବ୍ୟାପକ ସମ୍ବଳ ଉଭୟ ମହିଳା ଏବଂ ଡ଼ାକ୍ତର ମାନଙ୍କୁ ଏକ ସ୍ୱଷ୍ଟ କାର୍ଯ୍ୟକ୍ଷମ ରୋଡ଼ମ୍ୟାପ ପ୍ରଦାନ କରିବ, ଯାହାଫଳରେ ଟିକାକରଣ ବିଷୟରେ ସଚେତନତା ବୃଦ୍ଧି ପାଇବ। ଫଗସିର ପୂର୍ବତନ ସଭାପତି ତଥା ବର୍ତମାନର ଫିଗୋ ଟ୍ରଷ୍ଟି (ଏସିଆ - ଓସେନିଆ) ଡ଼କ୍ଟର ହୃଷିକେଶ ପାଇ କହିଛନ୍ତି, ସଂକ୍ରାମକ ରୋଗରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଟିକାକରଣ ସୁପାରିସ କରାଯାଇଥାଏ । ଭାରତରେ ବୟସ୍କ ଟିକାକରଣ ପ୍ରାୟ ନଗଣ୍ୟ ଏବଂ ଏହା ପରିବର୍ତନ ହେବା ଅବେଶ୍ୟକ। ବୟସ୍କ ଟିକାକରଣ ଉପରେ ଲୋକ ଓ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି କାରଣ ଏହା ଭାରତରେ ଲକ୍ଷ ଲକ୍ଷ ଜୀବନ ବଂଚାଇବାରେ ସାହାଯ୍ୟ କରିପାରିବ । ଟିକାକରଣ କାର୍ଯ୍ୟସୂଚୀପରି ପଦକ୍ଷେପ ପରିସ୍ଥିତିକୁ ବଦଳାଇବା ଏବଂ ଭବିଷ୍ୟତରେ ଅଧିକ ଲୋକଙ୍କୁ ସୁରକ୍ଷା ଦେବାରେ ସହାୟକ ହୋଇପାରିବ।'




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray